بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର୍

Weekly

କାଦିଆନ

BADAR

Qadian

Odia

ସଂଖ୍ୟା: 48

ବାର୍ଷିକ ଦେୟ : ୬୦୦/-

www.akhbarbadr.in

15 ଜମାଦିଉଲ୍ ଅୱଲ୍ 1445 ହି.କ, 30 ନବୁୱତ୍ 1402 ହି.ଶ 30 NOV 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

قَالَ ھٰذَا رَحۡمَۃٌ مِّنۡ رَّبِّیۡ ۚ فَاِذَا جَآءَ وَعۡدُ رَبِّیۡ جَعَلَہٗ دَکَّآءَ ۚ وَکَانَ وَعۡدُ رَبِّیۡ حَقًّا

(ଅଲ୍ କହଫ୍-୨୨)

**ଅନୁବାଦ :** (ଏହାପରେ) ସେ କହିଲେ, "ଏହା କେବଳ ଆମ୍ଭର ପାଳନ-କର୍ତ୍ତାଙ୍କ ବିଶେଷ କୃପା ଯୋଗୁଁ ସମ୍ଭବପର ହୋଇଛି । ପୁନଶ୍ଚ ଯେତେବେଳେ ଏକ ବିଶ୍ୱ ବ୍ୟାପକ ଶାସ୍ତି ସଂକ୍ରାନ୍ତରେ ଆମ୍ଭର ପାଳନକର୍ତ୍ତାଙ୍କ ଅଙ୍ଗୀକାର ପାଳିତ ହେବା ସମୟ ଉପସ୍ଥିତ ହେବ ସେତବେଳେ ସେ ଏହାକୁ ଅର୍ଥାତ ଉକ୍ତ ପ୍ରାଚୀରକୁ (ଭାଙ୍ଗି) ଧୂଳିସାତ୍ କରିଦେବେ ଏବଂ ଆମ୍ଭର ପାଳନକର୍ତ୍ତାଙ୍କ ଅଙ୍ଗୀକାର ବସ୍ତୁତଃ ସତ୍ୟ ଅଟେ ।"

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### (ମାର୍ଗର ଅଧିକାର)..

**(2472)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ: ଏକଦା ଜଣେ ବ୍ୟକ୍ତି ରାସ୍ତାର ଚାଲି ଚାଲି ଯାଉଥିଲା ଏବଂ ରାସ୍ତାରେ ଏକ କଣ୍ଟକିତ ଡ଼ାଳ ପଡ଼ିଥିବାର ଦେଖିଲା । ସେ ସେହି କଣ୍ଟକିତ ଡାଳଟିକୁ ଉଠାଇ ଦୂରକୁ ଫିଙ୍ଗିଦେଲା । ଅଲ୍ଲାଃତାଲା ତା'ର ଏଭଳି କୃତ୍ୟକୁ ସମ୍ମାନ ଦୃଷ୍ଟିରେ ଦେଖିଲେ ଓ  ଉକ୍ତ ବ୍ୟକ୍ତିର ପାପ ଉପରେ ପରଦା ପକାଇ ଉକ୍ତ ବ୍ୟକ୍ତିର ପାପ ମୋଚନ କରି ଉକ୍ତ ବ୍ୟକ୍ତିକୁ କ୍ଷମା ପ୍ରଦାନ କରିଦେଲେ ।

### ...(ବିଶ୍ୱାସକାରୀ କେତେବେଳେ ବିଶ୍ୱାସକାରୀ ହୋଇ ନଥାଏ)...

**(2475)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: ବ୍ୟଭିଚାରୀ ବ୍ୟକ୍ତି ଯେତେବେଳେ ବ୍ୟଭିଚାର (ବଳାତ୍କାର) କରେ ସେତେବେଳେ ସେ ବିଶ୍ୱାସକାରୀ ହୋଇ ନଥାଏ, ମଦ୍ୟପ ଯେତେବେଳେ ମଦ୍ୟପାନ କରେ ସେତେବେଳେ ସେ ବିଶ୍ୱାସକାରୀ ହୋଇ ନଥାଏ (ଅର୍ଥାତ ବିଶ୍ୱାସକାରୀ ବିଶ୍ୱାସକାରୀ ଅବସ୍ଥାରେ କେବେ ମଦ୍ୟପାନ କରି ନଥାଏ), ଯେତେବେଳେ ଜଣେ ବ୍ୟକ୍ତି ଚୋରୀ କରେ ସେତେବେଳେ ସେ ବିଶ୍ୱାସକାରୀ ହୋଇ ନଥାଏ, ଯେତେବେଳେ କୌଣସି ବ୍ୟକ୍ତି ଲୁଣ୍ଠନ କରିଥାଏ ସେତେବେଳେ ସେ ବିଶ୍ୱାସାକାରୀ ହୋଇ ନଥାଏ (ଅର୍ଥାତ ଜଣେ ବିଶ୍ୱାସକାରୀ ବିଶ୍ୱାସକାରୀ ଅବସ୍ଥାରେ କେବେ ବି ଲୁଣ୍ଠନ କରି ନଥାଏ), ଯେତେବେଳେ ବିଶ୍ୱାସକାରୀ ବ୍ୟକ୍ତି ଲୋକମାନଙ୍କର କୋଣସି ବସ୍ତୁ ଲୁଣ୍ଠନ କରେ ସେତେବେଳେ ସେ ବିଶ୍ୱାସକାରୀ ହୋଇ ନଥାଏ ଏବଂ ବିଶ୍ୱାସକାରୀ ଅବସ୍ଥାରେ ସେ ଏପରି ବସ୍ତୁ ଲୁଣ୍ଠନ କରି ନଥାଏ ଯାହା (ଯେଉଁ ବସ୍ତୁ) ଆଡ଼କୁ ଲୋକମାନଙ୍କର (ଲୋଲୁପ) ଦୃଷ୍ଟି ପଡ଼ିବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

## ପ୍ରତିଶ୍ରୁତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ଅବତାରମାନଙ୍କୁ ଆବଶ୍ୟକତା ଏଇଥିପାଇଁ ପଡ଼େ ଯେ, ଐଶୀ ଉତ୍ସର୍ଗର ଦୃଷ୍ଟାନ୍ତ ଉଦାହରଣ ସ୍ୱରୂପ ସ୍ଥାପିତ ହେଉ ଓ ହ. ଅବୁ ବକର ର.ଅଙ୍କ ଜୀବନର ଉତ୍ସର୍ଗୀକୃତତା ସିଦ୍ଧ ହେଉ ଓ ସଂସାରରେ ସର୍ବ ଶକ୍ତିମାନ ପ୍ରଭୁଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ସୃଷ୍ଟି ହେଉ ଓ ଏହିପରି ଐଶୀ ଉତ୍ସର୍ଗକାରୀମାନେ ସଂସାରବାସୀଙ୍କ ସକାଶେ ଅଲ୍ଲାଃତାଲାଙ୍କର ଏକ ନିଦର୍ଶନ ସ୍ୱରୂପ ବିବେଚିତ ହୁଅନ୍ତୁ ।**

### .........(ଅବତାରମାନଙ୍କୁ (କୌଣସି ପ୍ରସଙ୍ଗ) କାହିଁକି ଆବଶ୍ୟକତା ପଡ଼େ )..........

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ମୁଁ ଏଠାରେ ଏକ ଅତ୍ୟାବଶ୍ୟକୀୟ ପ୍ରସଙ୍ଗ ବର୍ଣ୍ଣନା କରିଦେବାକୁ ଚାହିଁ ଯେ, ଅବତାରମାନଙ୍କୁ (କୌଣସି ପ୍ରସଙ୍ଗର) କାହିଁକି ଆବଶ୍ୟକତା ପଡ଼େ ? ଅଲ୍ଲାଃତାଲା ଉକ୍ତ କଥା ଉପରେ ସକ୍ଷମ ଓ ସାମର୍ଥ୍ୟବାନ ଅଟନ୍ତି ଯେ, ଅବତାରମାନେ କୌଣସି ଆବଶ୍ୟକତାର ସମ୍ମୁଖୀନ ହେବେ ନାହିଁ । କିନ୍ତୁ ଏହି ଆବଶ୍ୟକତା ଏଇଥିପାଇଁ ଲୋଡ଼ା ହୋଇଥାଏ ଯେ, ଐଶୀ ଉତ୍ସର୍ଗର ଦୃଷ୍ଟାନ୍ତ ଉଦାହରଣ ସ୍ୱରୂପ ସ୍ଥାପିତ ହେଉ ଓ ହ. ଅବୁ ବକର ର.ଅଙ୍କ ଜୀବନର ଉତ୍ସର୍ଗୀକୃତତା ସିଦ୍ଧ ହେଉ ଓ ସଂସାରରେ ସର୍ବ ଶକ୍ତିମାନ ପ୍ରଭୁଙ୍କ ମହିମା ଓ ଅସ୍ତିତ୍ୱ ଉପରେ ବିଶ୍ୱାସ ସୃଷ୍ଟି ହେଉ ଓ ଏହିପରି ଐଶୀ ଉତ୍ସର୍ଗକାରୀ ସଂସାରବାସୀଙ୍କ ସକାଶେ ଅଲ୍ଲାଃତାଲାଙ୍କର ନିଦର୍ଶନ ସ୍ୱରୂପେ ବିବେଚିତ ହୁଅନ୍ତୁ । ସେହି ଲୁକ୍କାୟିତ ପ୍ରେମ ଓ ତୃପ୍ତି ସଂକ୍ରାନ୍ତରେ ସଂସାରବାସୀମାନେ ଅବଗତ ହୁଅନ୍ତୁ । ଯେଉଁ ବ୍ୟକ୍ତି ସମ୍ମୁଖରେ ଧନ ସମ୍ପତ୍ତି ଭଳି ପ୍ରିୟତମ ଓ ଆସକ୍ତ ବସ୍ତୁ ମଧ୍ୟ ଅତି ସହଜରେ ଏବଂ ଆନନ୍ଦର ସହିତ ବଳିଦାନ ହୋଇପାରିଥାଏ । ପୁନଶ୍ଚ ଧନ ସମ୍ପତ୍ତି ଖର୍ଚ୍ଚ କରିବା ପରେ ଐଶୀ ଉତ୍ସର୍ଗୀକୃତତା ସଂପୂର୍ଣ୍ଣ କରିବା ସକାଶେ ସେହି ଶକ୍ତି ଓ ସାହାସିକତା ପ୍ରାପ୍ତ ହେଉ ଯାହା ମନୁଷ୍ୟ ପରି ବସ୍ତୁକୁ ମଧ୍ୟ ଈଶ୍ୱରଙ୍କ ମାର୍ଗରେ ଦେଇ ଦେବା ପାଇଁ ଶଙ୍କୋଚ ବୋଧ ନକରୁ ।

ସୁତରାଂ ଅବତାରମାନଙ୍କର ଆବଶ୍ୟକତାର ପ୍ରକୃତ ଅଭିପ୍ରାୟ ସଂସାରର ମିଥ୍ୟା ଜନିତ ପ୍ରେମ ଓ ନଶ୍ୱର ବସ୍ତୁ ଠାରୁ ଅନାସକ୍ତ ହେବା ସଂକ୍ରାନ୍ତରେ ଶିକ୍ଷା ଦେବା, ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ମନୋବିନୋଦନପୂର୍ବକ ବା ଚିତ୍ତାକର୍ଷକ ବିଶ୍ୱାସ ସୃଷ୍ଟି କରିବା, ମାନବ ଜାତିର ଉନ୍ନତି ତଥା ହିତକାଂକ୍ଷୀ ନିମିତ୍ତ ବଳିଦାନମୂଳକ ଶକ୍ତି ତଥା ସାମର୍ଥ୍ୟ ସୃଷ୍ଟି କରିବା ସକାଶେ ହିଁ ଉଦ୍ଦିଷ୍ଟ ହୋଇଥାଏ । ଅନ୍ୟଥା ଉକ୍ତ ପବିତ୍ର ଗୋଷ୍ଠୀ خَزَائِنُ السَّمٰوٰتِ وَالۡاَرۡضِର ଅଧିକାରୀଙ୍କ ଦୃଷ୍ଟିରେ ଅଗ୍ରସର ହୋଇଥାଏ । ସେମାନଙ୍କୁ କୌଣସି ବସ୍ତୁ ବା କୌଣସି ପ୍ରସଙ୍ଗର ଆବଶ୍ୟକତା ପଡ଼ିପାରିବ କି ? ସେହି ଆବଶ୍ୟକତାଗୁଡ଼ିକ ଶିକ୍ଷାକୁ ସଂପୂର୍ଣ୍ଣ, ମନୁଷ୍ୟର ଚରିତ୍ର ଓ ବିଶ୍ୱାସରେ ପ୍ରବିଷ୍ଟ ପାଇଁ ଆବଶ୍ୟକ ପଡ଼ିଥାଏ।"

**(ମଲ୍‌ଫୁଜାତ୍, ଭାଗ-1, ପୃ-499, ପ୍ରକାଶନ ବର୍ଷ 2018)**

**ଯେଉଁ ବ୍ୟକ୍ତି ନିଜକୁ ବିଦ୍ୱାନ୍ ବୋଲି ମନେକରେ ତା' ପକ୍ଷେ ନୂତନ କଥା ଓ ନୂତନ ପ୍ରସଙ୍ଗକୁ ସ୍ୱୀକାର କରିବା ଅତ୍ୟନ୍ତ କଷ୍ଟକର ।**

**ଅବିଶ୍ୱାସକାରୀମାନଙ୍କର ହୃଦୟ ସ୍ୱଷ୍ଟ କାଠ ପଟା ପରି ଥିଲା । ସେମାନେ ଯଥାଶୀଘ୍ର ଆପଣ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଥିଲେ, କିନ୍ତୁ ଇହୁଦୀ, ଖ୍ରୀଷ୍ଟିଆନମାନେ ଯେଉଁମାନଙ୍କ ନିକଟରେ ପ୍ରଭୁଙ୍କର ଗ୍ରନ୍ଥ ଉପସ୍ଥିତ ଥିବା ସତ୍ତ୍ୱେ ସେମାନେ ତହିଁରୁ ବଞ୍ଚିତ ରହିଲେ ।**

**ହ. ମୁସା ଅ.ସଙ୍କ ସଂପ୍ରଦାୟର ଯେଉଁ ଲୋକମାନେ ଆଁହଜରତ ସ.ଅଙ୍କର କାଳକୁ ପ୍ରାପ୍ତ କଲେ, ସେମାନଙ୍କ ନିମନ୍ତେ ଆଁହଜରତ ସ.ଅଙ୍କ ଆଜ୍ଞା ପାଳନ କରିବା ଅନିର୍ବାର୍ଯ୍ୟ ଥିଲା ।**

**ସୁତରାଂ ହଦିସ୍‌ରେ ଏହି ଆଡ଼କୁ ଓ ଏହି ଶବ୍ଦରେ ଇଙ୍ଗିତ ରହିଛି ଯେ, "لَوْ كَانَ مُوسَىٰ وَعِيسَىٰ حَيَّيْنِ لَمَا وَسِعَهُمَا إِلَّا اتِّبَاعِي"**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍‌ର -69-70 ନଂ ଆୟତ୍ وَكَيْفَ تَصْبِرُ عَلَىٰ مَا لَمْ تُحِطْ بِهِ خُبْرًا . قَالَ سَتَجِدُنِي إِن شَاءَ اللَّهُ صَابِرًا وَلَا أَعْصِي لَكَ أَمْرًا ର ବ୍ୟାଖ୍ୟା କରି କହୁନ୍ତି: ଉକ୍ତ ଆୟତ୍‌ରେ ଏହି ଦିଗ ଆଡ଼କୁ ଇଙ୍ଗିତ କରାଯାଇଛି ଯେ, ମୁସୱୀୟ ସଂପ୍ରଦାର ଲୋକମାନଙ୍କ ନିମନ୍ତେ ମୁହମ୍ମଦୀୟ ସଂପ୍ରଦାୟର ଜ୍ଞାନକୁ ମନେକରିବା ପ୍ରକୃତରେ କଷ୍ଟକର ହେବ । କାରଣ ଉକ୍ତ ଧର୍ମରେ ଅନେକ ନୂତନ ପ୍ରସଙ୍ଗମାନ ଓ ସମସ୍ୟାର ଚର୍ଚ୍ଚା କରାଯିବ ଓ ସେହି ବ୍ୟକ୍ତି ନିମନ୍ତେ ଯିଏ ସ୍ୱୟଂକୁ ବିଦ୍ୱାନ୍ ବୋଲି ମନେକରେ ତା' ପକ୍ଷେ ନୂତନ କଥା ସ୍ୱୀକାର କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ସୁତରାଂ ଅବିଶ୍ୱାସକାରୀମାନଙ୍କର ହୃଦୟ କାଠ ପଟା ପରି ଥିଲା । ସେମାନେ ଆପଣ ସ.ଅଙ୍କ ଉପରେ ଯଥାଶୀଘ୍ର ବିଶ୍ୱାସ ନେଇ ଆସିଥିଲେ । କିନ୍ତୁ ଇହୁଦୀ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ନିକଟରେ ପ୍ରଭୁଙ୍କର ଧର୍ମ ଗ୍ରନ୍ଥ ଉପସ୍ଥିତ ଥିବା ସତ୍ତ୍ୱ ମଧ ସେମାନେ ତହିଁରୁ (ଅବତାରମାନଙ୍କ ଉପରେ ବିଶ୍ୱାସ ଆଣିବାରୁ) ବଞ୍ଚିତ ରହିଲେ । କାରଣ ଇସ୍‌ଲାମ୍ ଧର୍ମରେ ସେମାନଙ୍କ ବିରୁଦ୍ଧୀୟ ପ୍ରତ୍ୟେକ କଥା ଓ ପ୍ରତ୍ୟେକ ପ୍ରସଙ୍ଗ ବର୍ଣ୍ଣିତ ହେଉଥିଲା । ସେମାନଙ୍କର ଧୈର୍ଯ୍ୟର ମାପକୁ ବିହ୍ୱଳିତ ହୋଇ ପରିପ୍ରକାଶିତ କରି ଦେଉଥିଲା ଏବଂ ସେମାନଙ୍କୁ ପରୀକ୍ଷା ଦେବାକୁ ପଡୁଥିଲା । ଏହି କାରଣରୁ ହ. ଇସା ଅ.ସଙ୍କ ସମୟରେ ମଧ ଇହୁଦୀମାନେ ମାର୍ଗଦର୍ଶନରୁ ବଞ୍ଚିତ ରହିଲେ ଓ ବିଜାତୀୟ ସଂପ୍ରଦାୟ ହଠ କରି ଉକ୍ତ ଧର୍ମରେ ସାମିଲ୍ ହେବାକୁ ଲାଗିଲେ ।

ଆୟତ୍ ନଂ 70ର ବ୍ୟାଖ୍ୟା କରି ହୁଜୁରୁ ର.ଅ କୁହନ୍ତି: ହ. ମୁସା ଅ.ସ କହିଲେ, ହେ ପ୍ରଭୁ ତୁମ୍ଭେ ମୋତେ ଧୈର୍ଯ୍ୟଶୀଳ ରୂପେ ପାଇବ ଓ ମୁଁ ତୁମ୍ଭ ଆଦେଶର ଅବମାନନା କରିବି ନାହିଁ । ଉକ୍ତ ଆୟତରୁ ପ୍ରକାଶ୍ୟ ଯେ, ଏହା ସ୍ୱପ୍ନ ଥିଲା । କାରଣ ହ. ମୁସା ଅ.ସ ଯେକି ସାର୍ବକାଳୀନ ଅବତାର ଥିଲେ, ସେ ପଛେ ଅନ୍ୟ ବ୍ୟକ୍ତି ହେଉ ନା କାହିଁକି ତା'କୁ ଏହା କହିପାରି ନଥାଆନ୍ତେ ଯେ, ଆଧ୍ୟାତ୍ମିକ ପ୍ରସଙ୍ଗରେ ମୁଁ ତୁମ୍ଭର ଆଜ୍ଞା ପାଳନ କରିବି । ଉପରୋକ୍ତ ଆୟତ୍‌ରେ ଏହା ଇଙ୍ଗିତ କରାଯାଇଚି ଯେ, ହ. ମୁସା ଅ.ସଙ୍କ ସଂପ୍ରଦାୟରୁ ଯେଉଁ ଲୋକମାନେ ଆଁହଜରତ ସ.ଅଙ୍କର କାଳକୁ ପ୍ରାପ୍ତ କରିବେ ସେମାନଙ୍କ ନିମନ୍ତେ ମୁହମ୍ମଦ ସ.ଅଙ୍କ ଆଜ୍ଞା ପାଳନ କରିବା ଅନିର୍ବାର୍ଯ୍ୟ ଓ ବିଧେୟ ଅଟେ। ଏହି ଦିଗ ପ୍ରତି ହଦିସ୍‌ରେ ଏହି ଶବ୍ଦ ଦ୍ୱାରା ଇଙ୍ଗିତ କରାଯାଇଛି ଯେ, "لَوْ كَانَ مُوسَىٰ وَعِيسَىٰ حَيَّيْنِ لَمَا وَسِعَهُمَا إِلَّا اتِّبَاعِي" **(ଇବ୍‌ନେ କସିର୍, ଭାଗ-2,ପୃ-246)** ଅର୍ଥାତ ଯଦି ମୁସା ଅ.ସ ଓ ଇସା ଅ.ସ (ମୋ ସମୟରେ) ଜୀବିତ ଥାଆନ୍ତେ ତେବେ ସେମାନେ ମଧ ମୋତେ ଅନୁକରଣ କରନ୍ତେ ଓ ମୋର ଆଜ୍ଞା ପାଳନ କରିଥାଆନ୍ତେ ।

**(ତଫ୍‌ସିର୍ କବିର୍, ଭାଗ-4, ପୃ-476, ପ୍ରକାଶନ ବର୍ଷ- 2010 ମସିହା)**

☆ ☆ ☆

## ଗତ 47 ତମ ଶୁମାରା (ସଂଖ୍ୟା)ରେ ପୃ -12 ପ୍ରକାଶିତ ଖୁତ୍‌ବା ଜୁମା
### ତା- 31 MARCH 2023 ର ଅବଶିଷ୍ଟାଂଶ..........
## ଖୁତ୍‌ବା ଜୁମା 31-03-2023

ତୃତୀୟ ମୃତକା ହେଉଛନ୍ତି କାଦିଆନର ସୟେଦା ନୁସ୍ରତ୍ ଜାହାଁ ବେଗମ୍ ସାହେବାଙ୍କର । ସ୍ୱର୍ଗତା କାଦିୟାନର ମିଆଁ ଅବ୍‌ଦୁଲ୍ ଅଜିମ୍ ସାହେବ ଦର୍ୱେଶ୍‌ଙ୍କର ପତ୍ନୀ ଥିଲେ । ବିଗତ ଦିନ ତାଙ୍କର ମଧ ପରଲୋକ ହୋଇଯାଇଛି । إِنَّا لِلَّٰهِ وَإِنَّا إِلَيْهِ رَاجِعُونَ । ସେ ଅନେକ ଦିନ ଧରି ଅସୁସ୍ଥ ରହି ଆସୁଥିଲେ ଏବଂ ଶଯ୍ୟା ଶାୟୀନୀ ଥିଲେ । ଦର୍ୱେଶୀ ଜୀବନ କାଳରେ ସ୍ୱର୍ଗତା ମିଆଁ ଅବ୍‌ଦୁଲ୍ ଅଜିମ୍ ସାହେବଙ୍କୁ ବିବାହ କରିଥିବା ପ୍ରଥମ ଓଡ଼ିଆ ମହିଳା ଥିଲେ । ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ସରଳ, ଧୈର୍ଯ୍ୟପୂର୍ଣ୍ଣ ଏବଂ କୃତଜ୍ଞତାପୂର୍ଣ୍ଣ ଦର୍‌ୱେଶ୍ କାଳ ଓ ଦର୍‌ୱେଶ୍ ଜୀବନ ଅତିବାହିତ କରିଥିଲେ । ନିୟମିତ ନମାଜ ପାଠକାରୀଣୀ ଓ ବ୍ରତଚାରୀଣୀ, ଦୁଆ କାରୀଣୀ ମହିଳାଟିଏ ଥିଲେ । ଜଣେ ପୁଣ୍ୟବାନ ଓ ନୈଷ୍ଠିକା ମହିଳା ଥିଲେ । ସ୍ୱର୍ଗତା ନିୟମିତ ରୂପେ ପବିତ୍ର କୁରଆନ୍‌ର ତିଲାୱତ୍ କରୁଥିଲେ ଏବଂ ଅନ୍ୟମାନଙ୍କୁ କୁରଆନ୍ ପଢାଉଥିଲେ । ସେହିପରି ସେ ଅନେକ ପିଲାମାନଙ୍କୁ ଓ ମହିଳାମାନଙ୍କୁ ମଧ କୁରଆନ୍ କରୀମ ପଢାଇଥିଲେ । ଦର୍‌ୱେଶ୍ କାଳରେ ଯେତେବେଳେ ତାଙ୍କର ଆୟ ସ୍ୱଳ୍ପ ଥିଲା ସେତେବେଳେ ସେ ଅନ୍ୟ ଉପରେ ନିର୍ଭର କରିବା ବଦଳରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ତଥା ଚଳିବା ପାଇଁ କୁକୁଡ଼ା ପାଳନ କରୁଥିଲେ । ସ୍ୱର୍ଗତା ନୁସ୍ରତ୍ ଜାହାଁଙ୍କ ଠାରେ ମାନବ ସେବା କରିବାର ସ୍ପୃହା ସ୍ୱଷ୍ଟ ରୂପେ ବିଦ୍ୟମାନ ଥିଲା ସ୍ୱର୍ଗତା କାଦିଆନରେ ମୃତକ ମହିଳାମାନଙ୍କୁ ସ୍ନାନ କରାଇବାରେ ବହୁତ ବଡ଼ ସେବା ସମ୍ପାଦନ କରୁଥିଲେ । ଉପସ୍ଥିତ ଖଲିଫାଙ୍କ ସହିତ ତାଙ୍କର ବିଶେଷ ସଂପର୍କ୍ ରହିଥଲା । ସେ ପ୍ରତ୍ୟେକ ତେହ୍‌ରିକରେ (ଆହ୍ୱାନରେ) ଅଂଶ ଗ୍ରହଣ କରୁଥିଲେ । ସ୍ୱର୍ଗତା ଓସିୟତ୍ କରିଥିଲେ । ସ୍ୱର୍ଗତାଙ୍କ ପରିବାରରେ ଚାରିଜଣ ପୁତ୍ର ସନ୍ତାନ ଓ ଏକମାତ୍ର କନ୍ୟା ସନ୍ତାନ ଅଛନ୍ତି । ମହୋଦୟା ଖୁର୍ଶିଦ୍ ଅନ୍‌ୱର୍ ସାହେବଙ୍କର ଦ୍ୱିତୀୟ (ସାବତ) ମାତା ଥିଲେ । ସ୍ୱର୍ଗତ ଦୋସ୍ତ୍ ମୁହମ୍ମଦ ଶାହିଦ୍ ସାହେବ ଯେକି ତାରିଖେ ଅହେମଦିୟତର ଲେଖକ ଓ ଇତିହାସବିତ୍ ଅଟନ୍ତି ସ୍ୱର୍ଗତା ନୁସ୍ରତ୍ ସାହେବ ତାଙ୍କର ଚଚି (ଖୁଡ଼ୀ) ଥିଲେ । ସେ ନିଜ ପଛରେ ଚାରିଜଣ ପୁତ୍ର ସନ୍ତାନ ଏବଂ ଜଣେ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସ୍ୱର୍ଗତା ଖୁର୍ଶିଦ ଅନ୍‌ୱର୍ ସାହେବଙ୍କର ଦ୍ୱିତୀୟ ମାତା (ସାବତ ମା) ଓ ଦୋସ୍ତ ମୁହମ୍ମଦ୍ ଶାହେଦ୍ ସାହେବ ଯେକି ଅହେମଦିୟା ଇତିହାସର ଲେଖକ, ତାଙ୍କର ଚାଚି ଥିଲେ । ଅଲ୍ଲାଃତାଲା ସମସ୍ତ ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ନମାଜ ଜୁମା ପରେ ସ୍ୱର୍ଗତାଙ୍କର ନମାଜ ଯନାଜାଃ ଗାଏବ୍ ମଧ ପଢେଇବି । **(ରୋଜନାମା ଅଲଫଜଲ୍, ଇଣ୍ଟରନେସନାଲ୍, 21 ଏପ୍ରିଲ୍ 2023 ମସିହା, ପୃ-2-7)**

☆ ☆ ☆

## 128ତମ ଜଲସା ସାଲାନା କାଦିଆନ୍ ତା- 29, 30 ଓ 31 ଡିସେମ୍ବର 2023 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫ୍‌ତୁଲ୍ ମସିହ୍ ଖାମିସ୍ ଅ.ବ 128 ତମ ଜଲସା ସାଲାନା କାଦିଆନ୍ ପାଇଁ ତା- 29, 30 ଓ 31 ଡିସେମ୍ବର 2023 ମସିହା (ବାର- ଶୁକ୍ରବାର, ଶନିବାର ଓ ରବିବାର) ତାରିଖର ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତର ସଦସ୍ୟବୃନ୍ଦ ଏବେ ଠାରୁ ହିଁ ଦୁଆ ସହିତ ଉକ୍ତ କଲ୍ୟାଣମୟ ଜଲସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ରଖି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଉକ୍ତ ଐଶୀ ଜଲସାରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଉକ୍ତ ଜଲସା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟ ମଣ୍ଡିତ ହେବା ଓ କଲ୍ୟାଣମୟ ହେବା ତଥା ପୁଣ୍ୟାତ୍ମାମାନଙ୍କର ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **ଯଜାକୁମୁଲ୍ଲାଃହୁ ତାଆଲା ୱ ଅହସନଲ୍ ଯଜା । (ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା କାଦିଆନ୍)**

# (ଖୁତ୍‌ବା ଜୁମା)

"ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଉପରେ ଧର୍ମ ଓ ଧର୍ମବିଧାନକୁ ସଂପୂର୍ଣ୍ଣ କରିଦେଲେ । ଅତଏବ ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଏହି ଘୋଷଣା କଲେ: اَلۡیَوۡمَ اَکۡمَلۡتُ لَکُمۡ دِیۡنَکُمۡ وَاَتۡمَمۡتُ عَلَیۡکُمۡ نِعۡمَتِیۡ وَرَضِیۡتُ لَکُمُ الۡاِسۡلَامَ دِیۡنًا"

**ଏହି ଦାବି କେବଳ ଇସ୍‌ଲାମ୍ ଧର୍ମ ହିଁ ଉପସ୍ଥାପିତ କରିଛି । ଅନ୍ୟ କୌଣସି ଧର୍ମ ଏହି ଦାବି କରି ନାହିଁ । କାରଣ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଓ ଶ୍ରେଷ୍ଠ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ ଏବଂ ଏହି ଧର୍ମ ହିଁ ଅଲ୍ଲାଃତାଲାଙ୍କର ଅତି ପ୍ରିୟ ଧର୍ମ ।**

ଅଲ୍ଲାଃତାଲା ଏହି ଘୋଷଣା କରିଛନ୍ତି ଯେ, କୁରଆନ୍‌ର ଶିକ୍ଷା ହିଁ ବର୍ତ୍ତମାନ ମନୁଷ୍ୟର ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଉନ୍ନତିର ଏକମାତ୍ର ପନ୍ଥା ।

**ମନୁଷ୍ୟର ଯାହାକିଛି ବି ଆବଶ୍ୟକତା ରହିଥିଲା ପ୍ରତ୍ୟେକ ଦୃଷ୍ଟିରୁ ସେହି ଆବଶ୍ୟକତାକୁ ସଂପୂର୍ଣ୍ଣକାରୀ ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍। ଏଭଳି କୌଣସି ଆବଶ୍ୟକତା ନାହିଁ ଯାହାକି ପବିତ୍ର କୁରଆନ୍ ଆୟୁଦ୍ଧ କରି ନାହିଁ । ସେ ପଛେ ମନୁଷ୍ୟର ବସ୍ତୁବାଦୀ ଆବଶ୍ୟକତା ହେଉ ଅବା ଆଧ୍ୟାତ୍ମିକ ଏବଂ ଚାରିତ୍ରିକ ସ୍ତରରେ ଉପନୀତ ହେବାର ଉଦ୍ଦେଶ୍ୟ ଥାଉ ।**

ତହିଁରୁ ଏହା ପ୍ରମାଣିତ ହୁଏ ଯେ, ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ମଧ୍ୟ ଚରିତାର୍ଥ ହୋଇଗଲା ଯେ, ଆପଣ ସ.ଅ ହିଁ ସେହି ପୂର୍ଣ୍ଣ ଓ ନବୀ ଶିରୋମଣି ଯାହାଙ୍କ ଉପରେ ଅନ୍ତିମ ଧର୍ମବିଧାନ ଅବତୀର୍ଣ୍ଣ ହେଲା । ସୁତରାଂ ଏହା ହିଁ ଆମର ଧର୍ମବିଶ୍ୱାସ ଅଟେ ଓ ଏହାରି ଉପରେ ହିଁ ଆମମାନଙ୍କର ବିଶ୍ୱାସ ରହିଛି ।

**ଅତଃ ଯେତେବେଳେ ଆମେମାନେ ଉକ୍ତ ଉଦ୍ଦେଶ୍ୟ ରଖି କାର୍ଯ୍ୟ ସମ୍ପାଦନ କରିବୁ ସେତେବେଳେ ଆମ ବୈଅତ୍‌ର ପ୍ରକୃତ ଉଦ୍ଦେଶ୍ୟ ପୂର୍ଣ୍ଣ ରୂପେ ସାଧିତ ହେବ । ଅତଏବ ଏଥିପାଇଁ ଆମମାନଙ୍କୁ କୁରଆନ୍ ପାଠ କରିବାକୁ ହେବ ଏବଂ ବୁଝିବା ପ୍ରତି ଧ୍ୟାନ ଦେବାକୁ ହେବ। ଏଥିପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଓ ତାହାଙ୍କ ଲେଖନୀଗତ ନୀତିନିୟମ ।**

ସୁତାରଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ରମ୍‌ଜାନ୍ ମାସରେ ଏହି ଆଦେଶାବଳୀ ଉପରେ ଯଦି କାର୍ଯ୍ୟାନୁସରଣ କରିବା ପ୍ରତି ନିଷ୍ପତ୍ତି ନିଅନ୍ତି ତେବେ ଆମେମାନେ କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ଉନ୍ନତି କରିବୁ ତାହା ନୁହିଁ ବରଂ ଆମର ସମାଜ ମଧ୍ୟ ସ୍ୱର୍ଗପୁର ସଦୃଶ ପାଲଟିଯିବ। ଗୃହର କଳହ ଓ ବଂଶମାନଙ୍କର କଳହ ଯାହାକି ବିଭିନ୍ନ ସମୟରେ ସୃଷ୍ଟି ହୋଇଥାଏ ତାହା ଶାନ୍ତିରେ ପରିଣତ ହୋଇପାରିବ ।

**ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାର ଏହି ବୈଶିଷ୍ଟ୍ୟ ମଧ୍ୟ ରହିଛି ଯେ, ପ୍ରତ୍ୟେକ ଯୁଗରେ ଯେଉଁ ମନ୍ଦ କର୍ମ ସୃଷ୍ଟି ହେଉଅଛି ତା'ର ଉପଚାର ଏହି ଶିକ୍ଷାରେ ହିଁ ଉପଲବ୍ଧ ହୋଇଯାଇଥାଏ ଯାହାକି ବ୍ୟାଖ୍ୟାକାରଙ୍କ ମାଧ୍ୟମରେ, ଅଲ୍ଲାଃତାଲାଙ୍କର ପୁଣ୍ୟବାନ ଏବଂ ସଦାଚାରୀ ବ୍ୟକ୍ତିମାନଙ୍କ ମାଧ୍ୟମରେ ଆମମାନଙ୍କୁ ଜ୍ଞାତ ହୋଇଥାଏ ।**

ଏହା ମଧ୍ୟ ପବିତ୍ର କୁରଆନ୍‌ର ଏକ ବିଶେଷତ୍ୱ ଯେ, ଏହାର ଆଦେଶାବଳୀକୁ ପାଳନ କରୁଥିବା ବ୍ୟକ୍ତିମାନେ ହିଁ ଅସାଧାରଣ କଲ୍ୟାଣ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଥାଆନ୍ତି ।

**ପବିତ୍ର କୁରଆନ୍ କରୀମ୍ ହେଉଛି ଏକ ଅପୂର୍ବ ଓ ଅନନ୍ୟ ଚମତ୍କାର ସମ୍ବଳିତ ଗ୍ରନ୍ଥ । ମାନବ ଓ ଜିନ୍ ଏହାର କୌଣସି ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବ ନାହିଁ । ତହିଁରେ ସେହି ପରିଚୟ ତଥା ବିଶେଷତା ଏକତ୍ରିତ ହୋଇଅଛି ଯେଉଁ ଶିକ୍ଷାକୁ ମାନବିକ ଶିକ୍ଷା ଏକତ୍ରିତ କରିପାରିବ ନାହିଁ ।**

ପବିତ୍ର କୁରଆନ୍ କରୀମ୍ ଅଭାବି ବ୍ୟକ୍ତିମାନଙ୍କୁ ସତ୍ୟତା ପ୍ରଦାନ କରିଥାଏ । ଏହା କେବଳ ସମସ୍ତ ଅଭାବ ଓ ଅସୁବିଧାକୁ ଦୂର କରିଥାଏ ତାହା ନୁହେଁ ବରଂ ନୈଷ୍ଠିକ ବ୍ୟକ୍ତିମାନଙ୍କୁ ସ୍ୱର୍ଣ୍ଣ ଡାଳ ପ୍ରଦାନ କରିଥାଏ ।

**ହ. ମସିହ୍ ମଉଦ୍ ଅ.ସଙ୍କର ଏହି ଦାବି ରହିଛି ଯାହା ଉପରେ ଆମର ଏହି ବିଶ୍ୱାସ ରହିଛି ଯେ, ଆପଣ ଅ.ସଙ୍କ ମାଧ୍ୟମରେ ହିଁ କୁରଆନ୍ କରୀମ୍‌ର ଜ୍ଞାନ ଆମ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଆପଣ ଅ.ସ ହିଁ ଆମମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିଛନ୍ତି । ଆପଣ ଅ.ସ ପବିତ୍ର କୁରାନ୍ କରୀମର ପୂର୍ଣ୍ଣ ରୂପେ ଆଦେଶ ପାଳନ କରିଛନ୍ତି ଓ ଆମମାନଙ୍କୁ ପବିତ୍ର କୁରଆନ୍ କରୀମର ପ୍ରକୃତ ପରିଚୟ ତଥା ଜ୍ଞାନ ପ୍ରଦାନ କରିଛନ୍ତି ।**

ଏହି ଲୋକମାନେ ଯେଉଁମାନେ ହଠଧର୍ମୀତାରୁ ବିରତ ହେଉ ନାହାନ୍ତି କିମ୍ବା ତହିଁରୁ କ୍ଷାନ୍ତ ହେଉ ନାହାନ୍ତି ଅଲ୍ଲାଃତାଲା ସେମାନଙ୍କର କିପରି ଧରପକଡ଼ କରିବେ ତାହା ସେ ଖୁବ୍ ଭଲ ଭାବରେ ଜାଣନ୍ତି ।

**"ଆଜି ଭୂପୃଷ୍ଠରେ ସମସ୍ତ ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ମଧ୍ୟରୁ ପବିତ୍ର କୁରଆନ୍ ହିଁ ଏକମାତ୍ର ଧର୍ମଗ୍ରନ୍ଥ ଯିଏ ନିଜକୁ ଈଶ୍ୱରଙ୍କ ପକ୍ଷରୁ ଆନୀତ ଗ୍ରନ୍ଥ ହେବାର ବଳିଷ୍ଠ ପ୍ରମାଣ ଦ୍ୱାରା ସାବ୍ୟସ୍ତ କରିଥାଏ । "(ହ. ମସିହ୍ ମଉଦ୍)**

ଅଲ୍ଲାଃତାଲା ଆମମାନଙ୍କୁ ସଠିକ୍ ରୂପେ କୁରଆନ୍ କରୀମକୁ ପାଠ କରିବାକୁ, ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜର କାର୍ଯ୍ୟାନୁସରଣାତ୍ମକ ଜୀବନକୁ ତଦନୁଯାୟୀ ଶୃଙ୍ଖଳିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 07 April 2023 ମସିହା ଅନୁଯାୟୀ ୦୭ ଶାହାଦତ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଉପରେ ଧର୍ମ ଓ ଧର୍ମବିଧାନକୁ ସଂପୂର୍ଣ୍ଣ କରିଦେଲେ । ଅତଏବ ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଏହି ଘୋଷଣା କଲେ: اَلْيَوْمَ اَكْمَلْتُ لَكُمْ دِيْنَكُمْ وَ اَتْمَمْتُ عَلَيْكُمْ نِعْمَتِيْ وَرَضِيْتُ لَكُمُ الْاِسْلَامَ دِيْنًا **(ଅଲ୍ ମାଏଦା:4)** ଅର୍ଥାତ ଆଜିର ଦିନରେ ଆମ୍ଭେ ତୁମ ପାଇଁ ତୁମର ଧର୍ମକୁ ପୂର୍ଣ୍ଣ କରିଦେଲୁ ଏବଂ ତୁମ ଉପରେ ନିଜର ପୁରସ୍କାରକୁ ପୂର୍ଣ୍ଣ କରିଦେଲୁ ଏବଂ ଇସ୍‌ଲାମ୍ ଧର୍ମକୁ ଆମ୍ଭେ ତୁମମାନଙ୍କ ସକାଶେ ଏକ ଧର୍ମ ରୂପେ ପସନ୍ଦ କଲୁ ।

ଅତଏବ ଅଲ୍ଲାଃତାଲାଙ୍କର ମୁସଲମାନମାନଙ୍କ ଉପରେ ଏହି ମହୋପକାର ରହିଛି ଯେ, ପ୍ରଭୁ ମୁସଲମାନମାନଙ୍କ ନିମନ୍ତେ ଏକ ସଂପୂର୍ଣ୍ଣ ଧର୍ମ ବିଧାନ ପ୍ରଣୀତ କରିଦେଲେ । ଏହି ଦାବି କେବଳ ଇସ୍‌ଲାମ୍ ଧର୍ମ ହିଁ ଉପସ୍ଥାପିତ କରିଛି । ଅନ୍ୟ କୌଣସି ଧର୍ମ ଏହି ଦାବି କରି ନାହିଁ । କାରଣ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଶ୍ରେଷ୍ଠ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ ଏବଂ ଏହି ଧର୍ମ ହିଁ ଅଲ୍ଲାଃତାଲାଙ୍କର ଅତି ପ୍ରିୟ ଧର୍ମ। ସୁତରାଂ ଯଦି ତୁମେମାନେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଲାଭ କରିବାକୁ ଇଚ୍ଛୁକ ତେବେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ବ୍ୟତୀରେକ, ତାହାଙ୍କର ପ୍ରଦତ୍ତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।

ଅଲ୍ଲାଃତାଲା ଏହି ଘୋଷଣା କରିଛନ୍ତି ଯେ, କୁରଆନ୍‌ର ଶିକ୍ଷା ହିଁ ବର୍ତ୍ତମାନ ମନୁଷ୍ୟର ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଉନ୍ନତିର ଏକମାତ୍ର ପନ୍ଥା । ଏହି ଶିକ୍ଷା ଏଭଳି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଯେ, ବସ୍ତୁବାଦୀ ଉନ୍ନତି ସାଧିତ ହେବା ନିମନ୍ତେ ଉକ୍ତ ଶିକ୍ଷାଟି ଉଦ୍ଦିଷ୍ଟ ଅଟେ । ଉକ୍ତ ଶିକ୍ଷା ହିଁ ପ୍ରଭୁଙ୍କ ପର୍ଯ୍ୟନ୍ତ ମନୁଷ୍ୟକୁ ଉପନୀତ କରାଇଥାଏ । ଅଲ୍ଲାଃତାଲା ଯେତେବେଳେ ଉକ୍ତ ଶିକ୍ଷା ସଂକ୍ରାନ୍ତରେ اَكْمَلْتُ ର ଘୋଷଣା କଲେ ସେତେବେଳେ ତହିଁରୁ ଯଥାର୍ଥ ଏହା ଥିଲା ଯେ, ମନୁଷ୍ୟର ସକଳ ସାମର୍ଥ୍ୟ ଅର୍ଥାତ ତାହା ଚାରିତ୍ରିକ ହେଉ ଅବା ଆଧ୍ୟାତ୍ମିକ ହେଉ ସେଗୁଡ଼ିକର ପ୍ରାପ୍ତି କୁରଆନ୍ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ସମ୍ଭବପର ହୋଇପାରିବ ।

ସେହିପରି ଅଲ୍ଲାଃତାଲା اَتْمَمْتُ କହି ପୂର୍ଣ୍ଣ ରୂପେ ଜୋର୍ ଦେଇ ଏହି ଘୋଷଣା କଲେ ଯେ, ମନୁଷ୍ୟର ଯେଉସବୁ ଆବଶ୍ୟକତା ରହିଥିଲା ସେଗୁଡ଼ିକର ପ୍ରତ୍ୟେକ ଦୃଷ୍ଟିରୁ ସଂପୂର୍ଣ୍ଣକାରୀ ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍ । ଏଭଳି କୌଣସି ଆବଶ୍ୟକତା ନାହିଁ ଯାହାକି ପବିତ୍ର କୁରଆନ୍ ଆୟୁଦ୍ଧ କରି ନାହିଁ । ସେ ପଛେ ମନୁଷ୍ୟର ବସ୍ତୁବାଦୀ ଆବଶ୍ୟକତା ହେଉ ଅବା ଆଧ୍ୟାତ୍ମିକ ଏବଂ ଚାରିତ୍ରିକ ସ୍ତରରେ ଉପନୀତ ହେବା ଉଦ୍ଦେଶ୍ୟ ଥାଉ । ଯଦି ଜଣେ ବ୍ୟକ୍ତି ନ୍ୟାୟ ଦୃଷ୍ଟିରେ ଏହା ଅବଲୋକନ କରିବାକୁ ଚାହେଁ ତେବେ ପବିତ୍ର କୁରଆନ୍ ମଧ୍ୟରେ ଯେଉଁ ସବୁ ଶିକ୍ଷା ରହିଛି ତାହାକୁ ଅବଲୋକନ କରିବା ଉଚିତ୍ । ଉକ୍ତ ଆୟତ୍ ସହିତ କୁରଆନ୍ ଏହା ମଧ୍ୟ ଘୋଷଣା କରିଦେଲା ଯେ, ବର୍ତ୍ତମାନ ମନୁଷ୍ୟର ସ୍ଥାୟୀତ୍ୱତା ଉକ୍ତ ଶିକ୍ଷା ସହିତ ସଂଶ୍ଳୀଷ୍ଟ ଏବଂ ଉକ୍ତ ଶିକ୍ଷା ସମଗ୍ର ଯୁଗ ଓ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ପବିତ୍ର କୁରଆନ୍ ପୂର୍ବରୁ ଅବତୀର୍ଣ୍ଣ ହୋଇଥିବା ସମସ୍ତ ଶିକ୍ଷା ଯାହାକି ବିଭିନ୍ନ ନବୀମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଛି ତାହା ସାମୟିକ ଓ ନିର୍ଦ୍ଦିଷ୍ଟ ଯୁଗାନୁଯାୟୀ ଉଦ୍ଦିଷ୍ଟ ଥିଲା । ନା କି ସମଗ୍ର ମାନବ ଜାତି ନିମନ୍ତେ ଅଭିପ୍ରେତ ଥିଲା ।

ଉକ୍ତ ପ୍ରସଙ୍ଗର ସ୍ପଷ୍ଟୀକରଣ ଦର୍ଶାଇ ଆପଣ ଅ.ସ ଏହା ମଧ୍ୟ ଘୋଷଣା କଲେ ଯେ, ତହିଁରୁ ଏହା ପ୍ରମାଣିତ ହୁଏ ଯେ, ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ମଧ୍ୟ ଚରିତାର୍ଥ ହୋଇଗଲା ଯେ, ଆପଣ ସ.ଅ ହିଁ ସେହି ପୂର୍ଣ୍ଣ ଓ ନବୀ ଶିରୋମଣି ଯାହାଙ୍କ ଉପରେ ଅନ୍ତିମ ଧର୍ମବିଧାନ ଅବତୀର୍ଣ୍ଣ ହେଲା । ଅତଏବ ଏହା ହିଁ ଆମମାନଙ୍କର ଧର୍ମମତ ଓ ଏହାରି ଉପରେ ହିଁ ଆମମାନଙ୍କର ବିଶ୍ୱାସ ନିର୍ଭରଶୀଳ ଅଟେ ।

ଆପତ୍ତିକାରୀମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଏହି ଆପତ୍ତି କରନ୍ତି ଯେ, ଯଦି ଆପଣ ଏହି ବିଶ୍ୱାସ ତଥା ଧର୍ମମତ ରଖନ୍ତି ଯେ, ପବିତ୍ର କୁରଆନ୍ ହେଉଛି ଅନ୍ତିମ ଧର୍ମବିଧାନ ଏବଂ ଆଁହଜରତ ସ.ଅଙ୍କୁ ଶେଷ ନବୀ ବୋଲି ଗ୍ରହଣ କରୁଛନ୍ତି ତେବେ ଆପଣ ଅ.ସଙ୍କର ଦାବିର କୌଣସି ପ୍ରାସଙ୍ଗିକତା ତଥା ଆବଶ୍ୟକତା ଆଉ ବାକି ରହୁ ନାହିଁ ତେବେ ସାଂପ୍ରତିକ ଯୁଗରେ ଆପଣ ଅ.ସଙ୍କ ଆଗମନର ଆବଶ୍ୟକତା କାହିଁକି ପଡ଼ିଲା ? ଏହାର ବିଭିନ୍ନ ଉତ୍ତର ରହିଛି । ସୁତରାଂ ହ. ମସିହ୍ ମଉଦ୍ ଅ.ସ ଉକ୍ତ ପ୍ରଶ୍ନର ଉତ୍ତର ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି। ଅର୍ଥାତ ତୁମେମାନେ ଯଦି ଇସ୍‌ଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରୁଛ ତେବେ ଠିକ୍ ଅଛି, ମୋର ଆଗମନର କୌଣସି ଆବଶ୍ୟକତା ନଥିଲା। କିନ୍ତୁ ଯୁଗର ସାମଗ୍ରିକ ତଥା ବିଶେଷ ରୂପେ ମୁସଲମାନମାନଙ୍କର ନିଜର ଅବସ୍ଥା ଉକ୍ତ କଥାର ଘୋଷଣା ଓ ସାକ୍ଷ୍ୟ ପ୍ରଦାନ କରୁଛି ଯେ, କୌଣସି ଏକ ଶିକ୍ଷକଙ୍କର ନିହାତି ଆବଶ୍ୟକତା ରହିଛି ।

ପୁନଶ୍ଚ ପବିତ୍ର କୁରଆନ୍ କରୀମର ଶିକ୍ଷାକୁ ଭୁଲିଯିବା ସଂକ୍ରାନ୍ତରେ ସ୍ୱୟଂ ଆଁହଜରତ ସ.ଅ କହିଥିଲେ ଓ ଏହାର ସଂଶୋଧନ ନିମନ୍ତେ ଏହା ମଧ୍ୟ କହିଥିଲେ ଯେ, ପ୍ରତ୍ୟେକ ଶତାବ୍ଦୀର ଶୀର୍ଷରେ ସଂସ୍କାରକମାନେ ଆସିବେ । ଆଁହଜରତ ସ.ଅ ଭବିଷ୍ୟତବାଣୀ କରି କହିଲେ, "ପବିତ୍ର କୁରଆନ୍ କରୀମ୍ ହେଉଛି ପୂର୍ଣ୍ଣାଙ୍ଗ ସମ୍ବଳିତ ଧର୍ମଗ୍ରନ୍ଥ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୁସଲମାନମାନେ ପବିତ୍ର କୁରଆନ୍ କରୀମର ଶିକ୍ଷାକୁ ପାସୋରି ବସିବେ, ମୁସଲମାନମାନଙ୍କ ଠାରେ ନୂତନ ଆହୃତ ରୀତି ସୃଷ୍ଟି ହୋଇଯିବ । ଏହାକୁ ସୁଧାରିବା ନିମନ୍ତେ ପ୍ରତ୍ୟେକ ଶତାବ୍ଦୀର ଶୀର୍ଷରେ ଧର୍ମ ସଂସ୍କାରମାନେ ଆବିର୍ଭୂତ ହେବେ ଏବଂ ଶେଷ ଯୁଗରେ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଆସିବେ । ଏହି ମସିହ୍ ଓ ମେହ୍‌ଦୀ ଧର୍ମକୁ (ହଜି ଯାଇଥିବା ଧର୍ମର ଖ୍ୟାତିକୁ) କୃତିକା (ତାରକା)ରୁ ଭୂପୃଷ୍ଠକୁ ଫେରାଇ ଆଣିବ ।

ଆପଣ ଅ.ସ ନିଜର ପତ୍ର ପତ୍ରିକା ଓ ପୁସ୍ତକଗୁଡ଼ିକରେ ସର୍ବତ୍ର ଏହା ହିଁ ଦର୍ଶାଇଛନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆପଣ ସ.ଅଙ୍କ ଧର୍ମ ଏବଂ କୁରଆନ୍ କରୀମ୍‌ର ଶିକ୍ଷାକୁ ସମଗ୍ର ସଂସାରରେ ପ୍ରସାରିତ ଓ ପରିବ୍ୟାପ୍ତ କରିବା ନିମନ୍ତେ ଆସିଅଛି । ବର୍ତ୍ତମାନ ଆଁହଜରତ ସ.ଅଙ୍କ ମାଧ୍ୟମରେ ଧର୍ମ ସଂପୂର୍ଣ୍ଣ ହୋଇ ସାରିଛି । ଅତଏବ୍ ମୁଁ ଆଁହଜରତ ସ.ଅଙ୍କ ଓ ପବିତ୍ର କୁରଆନ୍ କରୀମ୍‌ର ସେହି ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବା ନିମନ୍ତେ ଆସିଅଛି । ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣାଙ୍ଗ ଶିକ୍ଷା ଆଁହଜରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହେବା ଦ୍ୱାରା ହିଁ ସମ୍ପନ୍ନ ହୋଇଥିଲା ଓ ସେହି ଯୁଗରେ ମାର୍ଗଦର୍ଶନର ପ୍ରକାଶନ ଓ ଶିକ୍ଷାର ପ୍ରସାରର ସାଧନ ଉପଲବ୍ଧ ନଥିଲା ତେଣୁ ଏହାର ପ୍ରକାଶନ ନିମନ୍ତେ ସାଂପ୍ରତିକ ଯୁଗରେ ପ୍ରଭୁ ନିଜର ପ୍ରତିଶୃତି ଅନୁଯାୟୀ ଆଁହଜରତ ସ.ଅଙ୍କର ସତ୍ୟବାଦୀ ଦାସ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ଅ.ସଙ୍କୁ ପ୍ରେରଣ କଲେ।

ସୁତରାଂ ଆପଣ ଅ.ସ ଏହି କାର୍ଯ୍ୟକୁ ସମ୍ପାଦନ କଲେ ଏବଂ ଉକ୍ତ କାର୍ଯ୍ୟକୁ ଅବ୍ୟାହତ ରଖିବା ନିମନ୍ତେ ଜମାଅତ୍ ଅହେମଦିୟା ସ୍ଥାପିତ ହୋଇଛି । ଉକ୍ତ କାର୍ଯ୍ୟକୁ ହିଁ ଜମାଅତ୍ ଅହେମଦିୟା ଆପଣ ଅ.ସଙ୍କ ପ୍ରଦତ୍ତ ଲେଖନୀ, ଆପଣଙ୍କ ଦ୍ୱାରା ବର୍ଣ୍ଣିତ କୁରଆନୀୟ ବ୍ୟାଖ୍ୟା ଅନୁଯାୟୀ ସମ୍ପାଦନ କରୁଅଛି। ଉକ୍ତ କଥା ଉପରେ ପ୍ରତ୍ୟେକ ଅହେମଦିକୁ ଚିନ୍ତା କରିବା ଉଚିତ ଯେ, ଉକ୍ତ ଅଭିପ୍ରାୟକୁ ଆମେମାନେ କେତେଦୂର ପର୍ଯ୍ୟନ୍ତ ପୂର୍ଣ୍ଣ କରୁଛେ । ସାମଗ୍ରିକ ରୂପେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ ଏବଂ ହେଉଅଛି । କିନ୍ତୁ ବ୍ୟକ୍ତିଗତ ରୂପେ ମଧ୍ୟ କାର୍ଯ୍ୟକ୍ରମମାନ ହେବା ଉଚିତ୍ । ଅତଃ ଯେତେବେଳେ ଆମେମାନେ ଉକ୍ତ ଉଦ୍ଦେଶ୍ୟ ରଖି କାର୍ଯ୍ୟ ସମ୍ପାଦନ କରିବୁ ସେତେବେଳେ ଆମ ବୈଅତ୍‌ର ପ୍ରକୃତ ଉଦ୍ଦେଶ୍ୟ ପୂର୍ଣ୍ଣ ରୂପେ ସାଧିତ ହେବ । ଅତଏବ ଏଥିପାଇଁ ଆମମାନଙ୍କୁ କୁରଆନ୍ ପାଠ କରିବାକୁ ହେବ ଏବଂ ବୁଝିବା ପ୍ରତି ଧ୍ୟାନ ଦେବାକୁ ହେବ । ଏଥିପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଓ ତାହାଙ୍କ ଲେଖନୀଗତ ନୀତିନିୟମ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ବିଗତ କିଛି ଖୁତ୍‌ବାରେ ମୁଁ କ୍ରମାଗତ ଭାବରେ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀର ପ୍ରକାଶରେ


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କେତେକ ଉପଦେଶାବଳୀର ବର୍ଣ୍ଣନା କରୁଛି । ଆଜି ମଧ୍ୟ କୁରଆନ୍ କରୀମ୍‌ର ସଂପୂର୍ଣ୍ଣ ହେବା ପ୍ରସଙ୍ଗରେ ଆପଣ ଅ.ସଙ୍କ ଶିକ୍ଷାର ପୂର୍ଣ୍ଣ ହେବା ସଂକ୍ରାନ୍ତରେ କେତେକ ଉପଦେଶାବଳୀ ଉପସ୍ଥାପିତ କରିବି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଉକ୍ତ ପ୍ରସଙ୍ଗଟି ପ୍ରମାଣିତ ଯେ, ପବିତ୍ର କୁରଆନ୍ କରୀମ୍ ଧର୍ମକୁ ପୂର୍ଣ୍ଣ କରିବାର କର୍ତ୍ତବ୍ୟ ସମ୍ପାଦନ କରିଦେଇଛି ଯେପରିକି ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମରେ କୁହନ୍ତି: اَلۡيَوۡمَ اَكۡمَلۡتُ لَكُمۡ دِيۡنَكُمۡ وَاَتۡمَمۡتُ عَلَيۡكُمۡ نِعۡمَتِيۡ وَرَضِيۡتُ لَكُمُ الۡاِسۡلَامَ دِيۡنًا **(ଅଲ୍ ମାଏଦା:4)** ଅର୍ଥାତ ଆଜିର ଦିନରେ ଆମ୍ଭେ ତୁମ ପାଇଁ ତୁମର ଧର୍ମକୁ ପୂର୍ଣ୍ଣ କରିଦେଲୁ ଏବଂ ତୁମ ଉପରେ ନିଜର ପୁରସ୍କାରକୁ ପୂର୍ଣ୍ଣ କରିଦେଲୁ ଏବଂ ଇସ୍‌ଲାମ୍ ଧର୍ମକୁ ଆମ୍ଭେ ତୁମମାନଙ୍କ ସକାଶେ ଏକ ପୂର୍ଣ୍ଣାଙ୍ଗ ଧର୍ମ ରୂପେ ପସନ୍ଦ କଲୁ ।

ସୁତରାଂ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମକୁ ପାଦ ରଖିବାର କୌଣସି ସ୍ଥାନ ନାହିଁ । କାରଣ ମନୁଷ୍ୟରେ ଯେଭଳି ଆବଶ୍ୟକତା ଥିଲା ତାହା ସବୁ ପବିତ୍ର କୁରଆନରେ ବର୍ଣ୍ଣା କରି ବର୍ତ୍ତମାନ କେବଳ ଐଶୀ କଥୋପକଥନର ଦ୍ୱାର ଉନ୍ମୁକ୍ତ ରହିଛି । ପ୍ରଭୁ ନିଜର ବିଶିଷ୍ଟ ଭକ୍ତଙ୍କ ସହିତ ବାର୍ତ୍ତାଳାପ ହୁଅନ୍ତି, କୌଣସି ନୂତନ ଶିକ୍ଷାର ଆବଶ୍ୟକତା ନାହିଁ । ପ୍ରକୃତ ଓ ପବିତ୍ର ବାଣୀ ସ୍ୱଷ୍ଟ ତଥା ଜାଜୁଲ୍ୟମାନ ରୂପେ ଐଶୀ ସମର୍ଥନର ରଙ୍ଗ ନିଜ ମଧ୍ୟରେ ରଖନ୍ତି ଓ ଅନେକ ଆଦୃଷ୍ଟ ପ୍ରସଙ୍ଗ ଉପରେ ପର୍ଯ୍ୟବେସିତ ଅଟନ୍ତି ତାହା ଆତ୍ମଶୁଦ୍ଧି, ପବିତ୍ର କୁରଆନର ଅନୁକରଣ ଓ ଆଁହଜରତ ସ.ଅଙ୍କ ଆଜ୍ଞା ପାଳ ଦ୍ୱାରା ହିଁ ପ୍ରାପ୍ତ ହଇପାରିବ ।" **(ତଶମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-80)**

ପବିତ୍ର କୁରଆନ୍ କରୀମ୍ ହେଉଛି ଏକ ପୂର୍ଣ୍ଣାଙ୍ଗ ଧର୍ମଗ୍ରନ୍ଥ ତେଣୁ ବର୍ତ୍ତମାନ ଏହାର ଅନୁକରଣ ଓ ଆଁହଜରତ ସ.ଅଙ୍କ ପୂର୍ଣ୍ଣ ଆଜ୍ଞା ପାଳନ ମାଧ୍ୟମରେ ହିଁ ଅଲ୍ଲାଃତାଲାଙ୍କ ଦ୍ୱାରା ଉକ୍ତ ମାର୍ଗ ଉନ୍ମୁକ୍ତ ହୋଇଛି । ଆପଣ ଅ.ସ କହିଲେ, ମୋତେ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଛି ତାହା ଆଁହଜରତ୍ ସ.ଅ ଅନୁକରଣ ଓ ପବିତ୍ର କୁରଆନ୍ କରୀମର ଆଜ୍ଞା ପାଳନ ଦ୍ୱାରା ହିଁ ପ୍ରାପ୍ତ ହୋଇଛି । ଏହାକୁ ବାଦ୍ ଦେଲେ ଅନ୍ୟ କୌଣସି ମାର୍ଗ ଓ କୌଣସି ମାଧ୍ୟମ ଆଉ ନାହିଁ ।

ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳେ ପବିତ୍ର କୁରଆନ୍ କରୀମର ପୂର୍ଣ୍ଣାଙ୍ଗ ମାର୍ଗଦର୍ଶନମୂଳକ ଗ୍ରନ୍ଥ ହେବା ସଂକ୍ରାନ୍ତରେ ଅତିରିକ୍ତ ବର୍ଣ୍ଣନା କରି କୁହନ୍ତି ଯେ, "ପବିତ୍ର କୁରଆନ୍ କରୀମ କେବଳ ଏତିକି ଚାହେଁ ନାହିଁ ଯେ, ମନୁଷ୍ୟ ହିଂସା, ମନ୍ଦତା କରି ଏହା ବୁଝିନେଉ ଯେ, ବାସ୍ ସେ ସ୍ୱୟଂ ସଂପୂର୍ଣ୍ଣ ହୋଇଗଲା । ପାପ, ଅସତ୍ କର୍ମକୁ ପରିତ୍ୟାଗ କରିଦେବା ଦ୍ୱାରା ମନୁଷ୍ୟକୁ ପୂର୍ଣ୍ଣତ୍ୱତା ପ୍ରାପ୍ତ ହୋଇଯାଏ ନାହିଁ । ବରଂ ପବିତ୍ର କୁରଆନ୍ ମନୁଷ୍ୟକୁ ସର୍ବୋଚ୍ଚ ସ୍ତରର ପୂର୍ଣ୍ଣତ୍ୱତା ଓ ଉତ୍ତମ ଚରିତ୍ରବତ୍ତା ଦ୍ୱାରା ପ୍ରଶଂସିତ କରିବାକୁ ଇଚ୍ଛା ପ୍ରକାଶ କରିଥାଏ ।

ଅତଃ ପବିତ୍ର କୁରଆନ୍ କରୀମ କେବଳ ପାପ ତଥ ଅସତ କର୍ମରୁ ମନୁଷ୍ୟକୁ ରୋକି ନଥାଏ ବରଂ ସର୍ବୋଚ୍ଚ ସ୍ତରୀୟ ପୂର୍ଣ୍ଣତ୍ୱତା ଓ ଉତ୍ତମ ଚରିତ୍ରବତ୍ତା ଭଳି ଗୁଣାବଳୀ ମନୁଷ୍ୟ ମଧ୍ୟରେ ସୃଷ୍ଟି କରିବାକୁ ଚାହଁଥାଏ । ଅର୍ଥାତ ଅପକର୍ମକୁ ପରିତ୍ୟାଗ କରିବାକୁ ହେବ ଓ ତା' ସ୍ଥାନରେ ସର୍ବୋଚ୍ଚ ସ୍ତରୀୟ ଉତ୍ତମ ଚରିତ୍ରବତ୍ତାକୁ ମଧ୍ୟ ଅବଲମ୍ବନ କରିବାକୁ ହେବ । କାରଣ ଏହା ଦ୍ୱାରା ଏଭଳି କର୍ମ ଓ କାର୍ଯ୍ୟ ସମ୍ପାଦିତ ହେବ ଯାହାକି ମାନବ ଜାତିର କଲ୍ୟାଣ ଏବଂ ସହାନୁଭୂତି ଉପରେ ପର୍ଯ୍ୟବେସିତ ହେବ । ଏହାର ପରିଣାମ ଏହା ହେବ ଯେ, ଅଲ୍ଲାଃତାଲା ତହିଁରୁ ପ୍ରସନ୍ନ ହୋଇଯାଆନ୍ତୁ।" **(ମଲ୍‌ଫୁଜାତ୍ ଭାଗ-7, ପୃ-270, ପ୍ରକାଶନ ବର୍ଷ-1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କୁ ଏହି ଚିନ୍ତାଧାରା ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ସୃଷ୍ଟି କରିବା ଉଚିତ୍ । ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । କାରଣ କ'ଣ ଆମମାନଙ୍କର ଏହି ଚିନ୍ତାଧାରା ରହିଛି କି ? ଆମେମାନେ ଅନ୍ୟମାନଙ୍କ ପରି ପଢିବାର ଦାବି କରୁଛେ ନା ଆମମାନଙ୍କ ମଧ୍ୟରେ ପ୍ରକୃତରେ ଏହି ପରିବର୍ତ୍ତନ ମଧ୍ୟ ସୃଷ୍ଟି ହେଉଛି କି, ଅଲ୍ଲାଃତାଲାଙ୍କ ସହିତ ଆମମାନଙ୍କର ବିଶେଷ ସଂପର୍କ ସୃଷ୍ଟି ହେଉଅଛି କି ? ରମ୍‌ଜାନ୍ ମାସରେ ମଧ୍ୟ ପବିତ୍ର କୁରାଆନ୍ କରୀମ୍ ପାଠ କରାଯାଇଥାଏ, ଦରସ୍ ମଧ୍ୟ ଆପଣମାନେ ଶୁଣନ୍ତି। ସୁତରାଂ ଏହାକୁ ନିଜ ଜୀବନରେ ଲାଗୁ କରାଇବା ମଧ୍ୟ ଅନିର୍ବାର୍ଯ୍ୟ। ଆମେମାନେ ତ' ନିଜର ବୈଅତ୍‌ର ଶପଥରେ ଏହି ଶପଥ ମଧ୍ୟ କରିଛେ । **'ଦଶ୍ ଶରାଏତେ ବୈଅତ୍'** (ବୈଅତ୍‌ର ଦଶଟି ସର୍ତ୍ତାବଳୀ)ରେ ଏକଥା ଅନ୍ତର୍ଭୁକ୍ତ ଯେ, **"ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ସଂପୂର୍ଣ୍ଣ ରୂପେ ନିଜ ଉପରେ ଲାଗୁ କରିବି ।" (ଇଜାଲା ଅଉହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-564)**

ସୁତାରଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ରମଜାନ ମାସରେ ଏହି ଆଦେଶାବଳୀ ଉପରେ ଯଦି କାର୍ଯ୍ୟାନୁସରଣ କରିବା ପ୍ରତି ନିଷ୍ପତ୍ତି ନିଅନ୍ତି, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଦୃଢ ସଂକଳ୍ପ କରି ନିଅନ୍ତି ତେବେ ଆମେମାନେ କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ଉନ୍ନତି କରିବୁ ତାହା ନୁହଁ ବରଂ ଆମର ସମାଜ ମଧ୍ୟ ସ୍ୱର୍ଗପୁର ସମାଜ ପାଲଟିଯିବ । ପରିବାର ଏବଂ ବଂଶ ମଧ୍ୟରେ ଯେଉଁ ବିଭିନ୍ନ କଳହ ଦେଖା ଦେଉଛି ତାହା କ୍ରମଶଃ ପ୍ରେମ ଓ ଆନ୍ତରୀକତାରେ ପରିବର୍ତ୍ତିତ ହୋଇଯିବ ।

ପୁନଶ୍ଚ ଉକ୍ତ ପ୍ରସଙ୍ଗର ଅତିରିକ୍ତ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି: ଐଶୀ ଧର୍ମବିଧାନର ବୀଜ ପବିତ୍ର କୁରାଆନ୍ କରୀମର ଯୁଗରେ ହିଁ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚିଥିଲା । କାରଣ ପବିତ୍ର କୁରଆନ୍ କରୀମ୍ ଉଚିତ୍ କର୍ମ ସମ୍ପାଦନ କରିବା ପ୍ରତି ଆଦେଶ ଦେଇଛି ଓ ଯେଉଁ କାର୍ଯ୍ୟ କରିବାକୁ ବାରଣ କରିଛି ତହିଁରୁ ଅଟକିଯିବା ଆଦି ପ୍ରସଙ୍ଗରେ ପବିତ୍ର କୁରଆନ୍ କରୀମ୍ ଏକ ପୂର୍ଣ୍ଣାଙ୍ଗ ସମ୍ବଳିତ ଧର୍ମଗ୍ରନ୍ଥ ଅଟେ । ଅର୍ଥାତ ପବିତ୍ର କୁରଆନ୍ କରୀମ୍ ଯେଉଁ କାର୍ଯ୍ୟ କରିବା ପ୍ରତି ଆଦେଶ ଦେଇଛି ଏବଂ ମାର୍ଗ ଦର୍ଶନ କରିଛି ଓ ଯେଉଁ କାର୍ଯ୍ୟ କରିବା ପ୍ରତି ବାରଣ କରିଛି ସେହି ପ୍ରସଙ୍ଗ ସଂପର୍କରେ ପୂର୍ଣ୍ଣ ମାର୍ଗ ଦର୍ଶନକାରୀ ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍ କରୀମ୍ । ଅଲ୍ଲାଃତାଲା ଉକ୍ତ ଗ୍ରନ୍ଥରେ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ମନୁଷ୍ୟ ସ୍ୱଭାବରେ ଯେଉଁପର୍ଯ୍ୟନ୍ତ ପରିବର୍ତ୍ତନ ସମ୍ଭବପର ହୋଇପାରେ ଏବଂ କୁକର୍ମରେ ତଥା ବିଚ୍ୟୁତତାର କ୍ଷେତ୍ରରେ ସେମାନେ କିପରି ଅଗ୍ରସର ହୋଇପାରନ୍ତି ସେହି ସମସ୍ତ ମନ୍ଦତା ଏବଂ ଦୋଷ ଦୁର୍ବଳତା, ଦୋଷ୍ଟ ତ୍ରୁଟିର ଆଦି ପବିତ୍ର କୁରଆନ୍ ମାଧ୍ୟମରେ ସଂଶୋଧନ କରାଯାଇଛି ।

ଏଣୁ ପ୍ରଭୁ ଏଭଳି ପରିସ୍ଥିତିରେ ପବିତ୍ର କୁରଆନ୍ ଅବତୀର୍ଣ୍ଣ କଲେ ଯେତେବେଳେ ମାନବ ଜାତି ମଧ୍ୟରେ ଏହି ସମସ୍ତ ଚାରିତ୍ରିକ ଦୋଷ ଦୁର୍ବଳତା ଏବଂ ଶଠତା ଉତ୍ପନ୍ନ ହୋଇଯାଇଥିଲା ଏବଂ କ୍ରମଶଃ ମନୁଷ୍ୟର ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତ୍ୟେକ ଆସ୍ଥା, ବିଶ୍ୱାସ ଓ କୁକର୍ମ ଦ୍ୱାରା କଳୁଷିତ ହୋଇଯାଇଥିଲା ଏବଂ ପ୍ରଭୁଙ୍କର ସେହି ବ୍ରହ୍ମଜ୍ଞାନ ଏହା ଆଶା କଲା ଯେ, ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ତାହାଙ୍କର ଭବ୍ୟବାଣୀ ସମ୍ବଳିତ ଏକ ପୂର୍ଣ୍ଣାଙ୍ଗ ପବିତ୍ର ଗ୍ରନ୍ଥ ଅବତୀର୍ଣ୍ଣ ହେଉ । କାରଣ ଦୋଷ ଦୁର୍ବଳତା, ତ୍ରୁଟିବିଚ୍ୟୁତି ସୃଷ୍ଟି ହେବା ପୂର୍ବରୁ ଏହିଭଳି ଲୋକମାନଙ୍କୁ ପାପ ଓ ଅବିଶ୍ୱାସ ତଥା କୁସଂସ୍କାର ସଂପର୍କରେ ଅବଗତ କରାଇବା ଯେଉଁ ପାପ, କୁସଂସ୍କାର ତଥା ପ୍ରଥା ଓ ପରମ୍ପରା ସହିତ ସେମାନେ ସଂପୂର୍ଣ୍ଣ ରୂପେ ଅବଗତ ଏବଂ ଜଡ଼ିତ ଅଟନ୍ତି । ଯେଉଁ ପାପ କର୍ମ କରିବା ପ୍ରତି ଓ ପାପ ପ୍ରବଣ ହେବା ଠାରୁ ସେମାନେ ସଂପୂର୍ଣ୍ଣ ରୂପେ ଅନବଗତ ଅଟନ୍ତି । ସେମାନଙ୍କୁ ସେମାନଙ୍କର ପାପ ସଂପର୍କରେ ସ୍ୱୟଂ ପରିଚୟ ପ୍ରଦାନ କରିବା କାର୍ଯ୍ୟ କରିଥାଏ । ପବିତ୍ର କୁରଆନ୍ କରୀମ୍ ଆରମ୍ଭରୁ ହିଁ କହିଦେଲା ଯେ, ଏଗୁଡ଼ିକ ହେଉଛି ପାପ ଯାହା ସଂପର୍କରେ ସେମାନେ ଅବଗତ ନୁହନ୍ତି ଓ ସେମାନେ ତତ୍‌ସଂପର୍କରେ କଳ୍ପାନ ମଧ୍ୟ କରି ନାହାନ୍ତି ଯେ, ଏହି ଜିନିଷ ଦ୍ୱାରା ପାପ ବ୍ୟାପୀଥାଏ ।

ଆଜିକାଲି ଆମେମାନେ ଏହା ଅବଲୋକନ କରୁ ଯେ, ଶିକ୍ଷା ବ୍ୟବସ୍ଥାରେ ଛାତ୍ର ଛାତ୍ରୀମାନଙ୍କୁ ଯୌନ ସଂପର୍କ ସଂକ୍ରାନ୍ତରେ ଏଭଳି ଶିକ୍ଷା ପ୍ରଦାନ କରାଯାଉଛି ଯେ, ସେମାନେ ଏ ସଂପର୍କରେ କିଛି ମଧ୍ୟ କଳ୍ପନା ମଧ୍ୟ କରି ନଥିଲେ । ସେମାନେ ଆଶ୍ଚର୍ଯ୍ୟ ଚକିତ୍ ହୁଅନ୍ତି । ବର୍ତ୍ତମାନ ଅଭିଭାବକମାନେ ମଧ୍ୟ କହିବାକୁ ଲାଗିଲେଣି ଯେ, ବିଦ୍ୟାଳୟରେ ଏ କ'ଣ ସବୁ ଶିକ୍ଷା ଦିଆଯାଉଛି । ଶିକ୍ଷା ବିଭାଗ ମଧ୍ୟ ଏ ସଂପର୍କରେ ନୋଟ୍‌ସ୍ ନେଇଛି । କେତେକ ଶିକ୍ଷକମାନେ ସୀମା ଟପି ଯାଇଛନ୍ତି। ଅର୍ଥାତ ଏପରି କଥା ଯାହା ସଂପର୍କରେ ବିଦ୍ୟାର୍ଥୀକୁ ଜଣା ନାହିଁ, ବିଦ୍ୟାର୍ଥୀ ସାବାଳକ ବୟସରେ ଉପନୀତ ହେବା ପର୍ଯ୍ୟନ୍ତ ସେମାନେ ଉକ୍ତ ପ୍ରସଙ୍ଗ ପ୍ରତି ଜ୍ଞାତ ହେବା କଥା ସେହିସବୁ କଥା ସେହି ବିଦ୍ୟାର୍ଥୀଙ୍କ ମଧ୍ୟରେ ସୃଷ୍ଟି କରାଯାଉଛି। ନିୟମଭିତ୍ତିକ ଧର୍ମବିଧାନ ଓ ମାନବିକ ନିୟମରେ ଏହା ହିଁ ମୌଳିକ ପାର୍ଥକ୍ୟ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ରହିଛି । କାରଣ ପବିତ୍ର କୁରଆନ୍ କରୀମ୍ ମାର୍ଗଦର୍ଶନ ପ୍ରଦାନ କରିଥାଏ ଓ ସ୍ପଷ୍ଟ ମଧ୍ୟ କରିଥାଏ ଯେ, ଅମକ ବୟସର ବ୍ୟକ୍ତି ନିମନ୍ତେ ଏହି ମାର୍ଗଦର୍ଶନ ରହିଛି ଓ ଅମକ ବୟସର ବ୍ୟକ୍ତି ନିମନ୍ତେ ଅମକ ମାର୍ଗଦର୍ଶନ ରହିଛି । କେବଳ ସେତିକି ନୁହେଁ ବରଂ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ପ୍ରସଙ୍ଗକୁ ସ୍ପଷ୍ଟ ତଥା ଖୋଲି ଖୋଲି ବର୍ଣ୍ଣନା କରିଦେଇଛି ଓ ପୁନଶ୍ଚ ଏହାପରେ ବ୍ୟାଖ୍ୟାକୁ ପ୍ରତ୍ୟେକ ବ୍ୟକ୍ତିର ବୁଦ୍ଧି ଓ ବିବେକାନୁଯାୟୀ କ୍ରମପର୍ଯ୍ୟାୟରେ ଏହି ଶବ୍ଦରୁ ହିଁ ପ୍ରକାଶିତ ହୋଇ ଚାଲିଥାଏ । ସୁତରାଂ ଆପଣ ଅ.ସ କୁହନ୍ତି: "ଅତଃ ଐଶୀବାଣୀ ହ. ଆଦମ୍ ଅ.ସଙ୍କ ଠାରୁ ବପନ ହୋଇଥିବା ବୀଜ ପରି ଆରମ୍ଭ ହୋଇ ଐଶୀ ବୀଜ ବପନ ପରି ଧର୍ମ ବିଧାନ (ପବିତ୍ର କୁରଆନ୍ କରୀମ୍) କାଳରେ ନିଜର ପୂର୍ଣ୍ଣତ୍ୱକୁ ପହଞ୍ଚି ଏକ ବୃହତ୍ ବୃକ୍ଷ ସଦୃଶ ହୋଇଗଲା ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-219-220)**

ସୁତରାଂ ଯେପରି ମନ୍ଦତା ବ୍ୟାପିଥିଲା ତା'ର ଉପଚାର ମଧ୍ୟ ଯୁଗାନୁଯାୟୀ ପ୍ରକାଶିତ ହେଉଥିଲା । ପବିତ୍ର କୁରଆନ୍ କରୀମ୍‌ରେ ଏହି ବିଶେଷତା ମଧ୍ୟ ରହିଛି ଯେ, ପ୍ରତ୍ୟେକ ଯୁଗରେ ଯେଉଁ ପାପ, ମନ୍ଦତା ସୃଷ୍ଟି ହେଉଛି ତା'ର ଉପଚାର ତଥା ନିବାରଣ ମଧ୍ୟ ଏହି ଶିକ୍ଷା ଅର୍ଥାତ ପବିତ୍ର କୁରାଆନ୍ କରୀମ୍ ମଧ୍ୟରେ ହିଁ ଅତି ସହଜରେ ମିଳିଯାଇଥାଏ । ଅତଏବ ଉପଚାର ଓ ସମାଧାନ ବ୍ୟାଖ୍ୟାକାର ମାଧ୍ୟମରେ, ଅଲ୍ଲାହତାଲାଙ୍କ ପୁଣ୍ୟବାନ ଭକ୍ତମାନଙ୍କ ମାଧ୍ୟମରେ ଆମମାନଙ୍କୁ ଜ୍ଞାତ ହେଉଥାଏ।

ଆପଣ ଅ.ସ ପୁନଶ୍ଚ କହିଲେ ଯେ, ପୂର୍ଣ୍ଣାଙ୍ଗ ଧର୍ମଗ୍ରନ୍ଥ ଆସି ପୂର୍ଣ୍ଣ ସଂଶୋଧନ କରିଥାଆନ୍ତା । ତେଣୁ ଏହା ନିତାନ୍ତ ଅନିର୍ବାର୍ଯ୍ୟ ଥିଲା ଯେ, ପବିତ୍ର ଧର୍ମଗ୍ରନ୍ଥ ଅବତୀର୍ଣ୍ଣ ହେବା ସମୟରେ ତା'ର ଅବତୀର୍ଣ୍ଣ ସ୍ଥାନରେ ରୋଗ ମଧ୍ୟ ପୂର୍ଣ୍ଣ ରୂପେ ହୋଇଥାଆନ୍ତା । କାରଣ ପ୍ରତ୍ୟେକ ରୋଗବ୍ୟାଧିର ଉପଚାର ଉପଲବ୍ଧ କରାଯାଉ। ସୁତରାଂ ଉକ୍ତ ଦ୍ୱୀପ ପୁଞ୍ଜରେ ପୂର୍ଣ୍ଣ ରୂପେ ଲୋକମାନେ ଅସୁସ୍ଥ ତଥା ରୋଗୀ ଥିଲେ । ସେମାନଙ୍କ ମଧ୍ୟରେ ସେହି ସମସ୍ତ ଆଧ୍ୟାତ୍ମିକ ବ୍ୟାଧୀ ବିଦ୍ୟମାନ ଥିଲା । ଅର୍ଥାତ ଆରବବାସୀଙ୍କ ମଧ୍ୟରେ ଯାହାକି ସେତେବେଳେ କିମ୍ବା ଏହାପରେ ଆଗାମୀ ବଂଶଧରମାନଙ୍କୁ ସେହି ଆଧ୍ୟାତ୍ମିକ ରୋଗ ଆକ୍ରାନ୍ତ କରିଥାଆନ୍ତା ।

ତେଣୁ ପବିତ୍ର କୁରଆନ୍ କରୀମ୍‌ର ସେହି ରୋଗବ୍ୟାଧିର ଅତିରିକ୍ତ ସ୍ୱଷ୍ଟୋକ୍ତି ମଧ୍ୟ ପ୍ରଦାନ କରିଦିଆଗଲା ଯାହାକି ସେତେବେଳେ ବିଦ୍ୟମାନ ଥିଲା କିମ୍ବା ଆଗାମୀ ବଂଶଧର ସେହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତେ ସେହି ରୋଗବ୍ୟାଧୀ ସଂପର୍କରେ ଶିକ୍ଷା ପ୍ରଦାନ କରାଗଲା । କାରଣ ଯୁଗ ବେଶୀ ଦୂରକୁ ଘୁଞ୍ଚି ନଥାଆନ୍ତା, ଧର୍ମ ବିଧାନ ନିଷ୍ପନ୍ନ ହେଉଥିଲା । ତେଣୁ ଯାହା ଭବିଷ୍ୟତରେ ସମ୍ଭବପର ଥିଲା ତାହାର ସ୍ୱଷ୍ଟୀକରଣ ମଧ୍ୟ ପ୍ରଦାନ କରିଦେଲେ ଓ କହିଦେଲେ ଯେ, କେଉଁ ପର୍ଯ୍ୟନ୍ତ ତୁମେମାନେ ଖୋଲିବ । ସେଇଥିପାଇଁ ବ୍ୟାଖ୍ୟାକାରମାନେ ଯୁଗାନୁଯାୟୀ ବ୍ୟାଖ୍ୟା କରି ଚାଲିଲେ । ଏହି କାରଣରୁ ପବିତ୍ର କୁରଆନ୍ କରୀମ୍ ସକଳ ଧର୍ମ ବିଧାନକୁ ପୂର୍ଣ୍ଣ କରିଦେଲା ଓ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ ହେବା ସମୟରେ ପବିତ୍ର କୁରଆନ୍ କରୀମ୍‌ର ନା ଆବଶ୍ୟକତା ଥିଲା ଓ ନା ହିଁ ଅନ୍ୟ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ ହେବା ସମୟରେ ଏହାର ଆବଶ୍ୟକତା ଥିଲା । ତେଣୁ ସେହି ଧର୍ମ ଗ୍ରନ୍ଥମାନଙ୍କରେ ପୂର୍ଣ୍ଣାଙ୍ଗ ଶିକ୍ଷା ନଥିଲା ।" **(ମଲ୍‌ଫୁଜାତ୍, ଭାଗ-1, ପୃ-38, ପ୍ରକାଶନ ବର୍ଷ 1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ଏଠାରେ ଏହା ସାବ୍ୟସ୍ତ କରିଛନ୍ତି ଯେ, ସ୍ୱୟଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଓ ଇହୁଦୀମାନେ ଏକଥାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ଯୁଗ ପ୍ରତ୍ୟେକ ଦୃଷ୍ଟିରୁ ବିଗିଡ଼ି ଯାଇଥିଲା ଓ ସେତେବେଳେ ଏକ ପୂର୍ଣ୍ଣାଙ୍ଗ ଧର୍ମ ଗ୍ରନ୍ଥର ଆବଶ୍ୟକତା ଥିଲା । ପବିତ୍ର କୁରଆନ୍ କରୀମ୍ କଦାପି କୌଣସି ମାନବିକ ବାଣୀର ସଦୃଶ ଓ ସମକକ୍ଷ ହୋଇପାରିବ ନାହିଁ ।

ଏହାକୁ ବୁଝାଇ ଆପଣ ଅ.ସ ଉଦାହରଣ ଉପସ୍ଥାପିତ କରି କୁହନ୍ତି: "ଯେତେବେଳେ କେତେକ ସାହିତ୍ୟକାର ବା ଲେଖକ ନିଜର ଜ୍ଞାନାତ୍ମକ ତଥା ଶୈକ୍ଷିକ ଶକ୍ତି ବଳରେ ଏକ ନିବନ୍ଧ ଲେଖିବାକୁ ଇଚ୍ଛା ପ୍ରକାଶ କରନ୍ତି, ସୁବକ୍ତାମାନେ, ସୁଲେଖକମାନେ ନିରେ ଶୈକ୍ଷିକ ଶକ୍ତି ମାଧ୍ୟମରେ କୌଣସି ବିଷୟବସ୍ତୁ ବା ପ୍ରବନ୍ଧ ଲେଖିବାକୁ ଇଚ୍ଛା ପ୍ରକାଶ କରନ୍ତି ଯାହାକି ନିରର୍ଥକ, ମିଥ୍ୟା, ଅନାବଶ୍ୟକ, ବାଯ୍ୟ, ପରିହାସ, ଟାହି ଟାପରା, ପ୍ରତ୍ୟେକ ପ୍ରକାରର ଅର୍ଥହୀନ ବା ମିଥ୍ୟା, କୁଟୀଳ କଥା ଓ ଅନ୍ୟ ସମସ୍ତ ପ୍ରସଙ୍ଗକୁ ବ୍ରହ୍ମଜ୍ଞାନ ଓ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ ବାଧକ, ବିପଦ ବିପରୀତ, ପୂର୍ଣ୍ଣତ୍ୱ, ସଂପୂର୍ଣ୍ଣତ୍ୱତା ଠାରୁ ସଂପୂର୍ଣ୍ଣ ରୂପେ ପବିତ୍ର ଓ ପୁନୀତ ହେବା ଉଚିତ୍ ।" ଅର୍ଥାତ୍ ପ୍ରତ୍ୟେକ ପ୍ରକାରର ମିଥ୍ୟା, କପୋଳ କଳ୍ପିତ, କୃତ୍ରିମତାମୂଳକ କଥା, ବାଯ୍ୟ କଥା, ପରିହାସ, ଟାହି ଟାପରା ଇତ୍ୟାଦି ପ୍ରତ୍ୟେକ ପ୍ରକାରର ବାଯ୍ୟ ଓ ନିରର୍ଥକ କଥା, କୁଟୀଳ, ବ୍ୟୁହ ଜନିତ କଥା ଏବଂ ଏପରି ସମସ୍ତ କଥା ଯହିଁରେ ବ୍ରହ୍ମଜ୍ଞାନ, ଚାତୁର୍ଯ୍ୟତା ନଥିବ, ଉଚ୍ଚ ଲାଳିତ୍ୟ ସମ୍ପନ୍ନତା ନଥାଏ, ଯାହାକୁ ମନୁଷ୍ୟ ବୁଝିପାରେ ନାହିଁ, ସୁଲେଖକ ସେହି ସମସ୍ତ ନିରର୍ଥକତା ଠାରୁ ପବିତ୍ର ପ୍ରସଙ୍ଗ ଉଲ୍ଲେଖ କରିବା ପାଇଁ ଉଦ୍ୟମ କରିଥାଏ । ଅତଏବ୍ ଏହା ହିଁ ଏକ ସୁଲେଖକ ବ୍ୟକ୍ତିର ପରିଚୟ ଓ ଲକ୍ଷଣ ଯେ, ସେ ପ୍ରତ୍ୟେକ ପ୍ରକାରର ବାଯ୍ୟ କଥା ବା ନିରର୍ଥକ ପ୍ରସଙ୍ଗରୁ ପବିତ୍ର ହୋଇଥିବ, ତା'ର ଲେଖନୀ ଭିନ୍ନ ଓ ପବିତ୍ର ହୋଇଥିବା ଉଚିତ୍, ପୂର୍ଣ୍ଣତଃ ସତ୍ୟ, ବ୍ରହ୍ମଜ୍ଞାନ ସମ୍ପନ୍ନ, ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀ, ସତ୍ୟତା, ପରିଚୟ ଦ୍ୱାରା ପୂର୍ଣ୍ଣ ହୋଇଥିବ। ଅତଃ ଏହିପରି ପ୍ରବନ୍ଧ ରଚନା କରିବାରେ କେବଳ ଯେ, ପବିତ୍ର ହୋଇଥିବ ତାହା ନୁହେଁ ବରଂ ଐଶୀ ପରିଚୟ ଦ୍ୱାରା ମଧ୍ୟ ପରିପୂର୍ଣ୍ଣ ହୋଇଥିବା ଉଚିତ୍ ।

ଏହିପରି ନିବନ୍ଧ ତଥା ବିଷୟବସ୍ତୁ ଉଲ୍ଲେଖ କରିବାରେ ସେହି ବ୍ୟକ୍ତି ହିଁ ସର୍ବାଗ୍ରେ ରହିବ ଯିଏ ନିଜର ଶୈକ୍ଷିକ ତଥା ଜ୍ଞାନାତ୍ମକ ଶକ୍ତି ଓ ବ୍ୟାପକ ଜ୍ଞାନ, ସାଧାରଣ ଜ୍ଞାନ, ବିଦ୍ୟା ଶକ୍ତି, ଗୂଢ ଜ୍ଞାନରେ ସର୍ବୋତ୍କୃଷ୍ଟ, ଅଭ୍ୟାସ, ବନାନଗତ ଶୁଦ୍ଧ ଲିଖନ, ସାହିତ୍ୟ ରଚନା ବା ଗଦ୍ୟ ରଚନା ଆଦିରେ ସର୍ବାଧିକ ଭାବରେ ଜୀର୍ଣ୍ଣଶୀର୍ଣ୍ଣ ରୋଜଗାରକ୍ଷମ ହୋଇଥିବ, ଉତ୍ତମ ହୋଇଥିବ, ଶିକ୍ଷିତ ହୋଇଥିବ, ଜ୍ଞାନୀ ହୋଇଥିବ, ଅଭିଜ୍ଞ ହୋଇଥିବ ସେହି ବ୍ୟକ୍ତି ହିଁ ନିବନ୍ଧ ରଚନା କରିପାରିବ ଯିଏ ଏହି ସମସ୍ତ ବସ୍ତୁରୁ ପବିତ୍ର ହୋଇଥିବ । ଏହା କଦାପି ସମ୍ଭବପର ନୁହଁ ଯେ, ଯେଉଁ ବ୍ୟକ୍ତି ଉକ୍ତ ବ୍ୟକ୍ତି ସହିତ ସମାର୍ଥ୍ୟତାରେ, ଜ୍ଞାନରେ, ଯୋଗ୍ୟତାରେ, ବୁଦ୍ଧି ବିବେକରେ ସାମାନ୍ୟତମ ନ୍ୟୁନ, ନିକୃଷ୍ଟ ଓ ଅଧପତିତ (ଅର୍ଥାତ୍ ଅତ୍ୟନ୍ତ ନୀଚ) ସେ ନିଜର ଲେଖନୀରେ ଏହିପରି ସାମଗ୍ରିକ ଚମତ୍କାର ପ୍ରଦର୍ଶନ କରିବାରେ ଉକ୍ତ ବ୍ୟକ୍ତି ସହିତ ସମକକ୍ଷ ହୋଇ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ମଧ୍ୟରେ ଏତାଦୃଶ ସମାର୍ଥ୍ୟତା ନାହିଁ ସେ ତା' (ଉକ୍ତ) ସହିତ ସମକକ୍ଷ ହୋଇପାରିବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଉଦାହରଣ ସ୍ୱରୂପ ଜଣେ ଅଭିଜ୍ଞ ଚିକିତ୍ସକ (ବୈଦ୍ୟ) ଯେକି ଶରୀର ସମ୍ବନ୍ଧୀୟ ଜ୍ଞାନରେ ଅଭିଜ୍ଞ ତଥା ପାରଙ୍ଗମ ଅଟେ । ସେହିପରି ଜଣେ ଡାକ୍ତର ଯେକି ଅଭିଜ୍ଞ ଡାକ୍ତର ଯିଏ ଅନେକ କାଳ ଧରି ଅଭ୍ୟାସ ଫଳରେ ରୋଗ ଚିହ୍ନଟ ଓ ରୋଗ ନିରୂପଣ ତଥା ରୋଗ ସମ୍ବନ୍ଧରେ ଗବେଷଣା କରିବାରେ ସଂପୂର୍ଣ୍ଣ ରୂପେ ଅଭିଜ୍ଞତା ପ୍ରାପ୍ତ ହୋଇଛି । ସେ ସଠିକ୍ ରୂପେ ରୋଗକୁ Diagnose (ନିଦାନ) କରି ନେଇଥାଏ, ରୋଗୀର ଯେଉଁ ରୋଗଗୁଡ଼ିକ ରହିଛି ତା' ମଧ୍ୟ ଡାକ୍ତରକୁ ଭଲ ଭାବରେ ଜ୍ଞାତ (ଜଣା) । ଏତଦ୍‌ଭିନ୍ନ ବାକ୍‌ଚାତୁରୀରେ ମଧ୍ୟ ସେ ଅନନ୍ୟ । ଉକ୍ତ ବ୍ୟକ୍ତି ମଧ୍ୟରେ ଅତିରିକ୍ତ ବସ୍ତୁ ହେଉଛି କାବ୍ୟ ମର୍ମଜ୍ଞ (ଅର୍ଥାତ କବି) ଏବଂ କାବ୍ୟ କବିତାରେ ଶ୍ରେଷ୍ଠ ତଥା ଆଗ ଧାଡ଼ିର ପୁରୋଧା, ଅତି ଉତ୍ତମ, ଅତ୍ୟନ୍ତ ଅନନ୍ୟ । ଯେପରି ସେ ଏକ ରୋଗର ନୂତନ ଅବସ୍ଥା ଓ ତା'ର ଲକ୍ଷଣ । ଅର୍ଥାତ୍ ଯେତେବେଳେ ରୋଗ ସୃଷ୍ଟି ହୁଏ, ରୋଗର ଲକ୍ଷଣ ତଥା ଅବସ୍ଥା, କାରଣ, ବିସ୍ତୃତ ଓ ବ୍ୟାପକ ଭାଷଣରେ ସଂପୂର୍ଣ୍ଣ ସୁସ୍ଥତା ଓ ସତ୍ୟତା, ଗାମ୍ଭୀର୍ଯ୍ୟତା, ଲାଳିତ୍ୟତା ବର୍ଣ୍ଣନା କରିପାରିବ । ଏହାର ବିପରୀତ ଅନ୍ୟ କୌଣସି ବ୍ୟକ୍ତି ଯିଏ ଚିକିତ୍ସା ଶାସ୍ତ୍ର ବା ଚିକିତ୍ସା ବିଦ୍ୟା ସଂପର୍କରେ କାଣୀଚିଏ ଜାଣି ନାହିଁ ଓ ବାକ୍ ବିଦ୍ୟାର ମୃଦଳତା, କୌମ୍ୟତା ଠାରୁ ଅନବଗତ ତେବେ ତା' ପକ୍ଷେ ପବିତ୍ର କୁରଆନ୍ କରୀମ୍‌ର ଦୃଷ୍ଟାନ୍ତ ଉପସ୍ଥାପିତ ତଥା ବର୍ଣ୍ଣନା କରିପାରିବ । ଅନ୍ୟ ବ୍ୟକ୍ତି ଠାରେ ଏହି ସବୁ ବିଶେଷତା ଦେଖିବାକୁ ମିଳୁ ନାହିଁ ସେ ଏହି ସମସ୍ତ କଥାକୁ ବର୍ଣ୍ଣନା କରିପାରିବ ନାହିଁ ଯେତେ ଜଣେ ବିଦ୍ୱାନ ବ୍ୟକ୍ତି ଯେକି ନିଜ ପେଶା (ବୃତ୍ତି) ରେ ମଧ୍ୟ ଅଭିଜ୍ଞତାର ଅଧିକାରୀ ହୋଇଥିବ, ଏତଦ୍‌ଭିନ୍ନ ସେ ଭଲ ବକ୍ତବ୍ୟ ମଧ୍ୟ ଉପସ୍ଥାପିତ କରି ପାରୁଥିବ (ଅର୍ଥାତ ସୁବକ୍ତା) ଏବଂ ଗବେଷକ ମଧ୍ୟ ଥିବ । ସେ ଏହିପରି ବ୍ୟକ୍ତି ହୋଇପାରିବ ନାହିଁ ଯାହାର ଜ୍ଞାନ ସୀମିତ ହୋଇଥିବ । ସେ ଯାହା ହେଉ ସେହି ବ୍ୟକ୍ତି ଏହା ଠାରୁ ଉର୍ଦ୍ଧ୍ୱରେ ଅବସ୍ଥିତ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଏକଥା ପ୍ରକାଶ୍ୟ ଓ ବୋଧ ଯେ, ମୂର୍ଖ ଓ ବୁଦ୍ଧିମାନ ବ୍ୟକ୍ତିର କଥନରେ ନିଶ୍ଚିତ ରୂପେ କିଛି ନା କିଛି ତାରତମ୍ୟ ଦେଖା ଦେଇଥାଏ। ମନୁଷ୍ୟ ଯେଭଳି ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇଥାଏ ସେଭଳି ପୂର୍ଣ୍ଣତ୍ୱତା ତା'ର ଶୈକ୍ଷିକ ଭାଷାଣରେ ମଧ୍ୟ ଦୃଶ୍ୟମାନ ହୋଇଥାଏ । ଯେପରିକି ଏକ ସ୍ୱଷ୍ଟ ଦର୍ପଣରେ ବ୍ୟକ୍ତିର ମୁଖମଣ୍ଡଳ ଦୃଶ୍ୟମାନ ହୋଇଥାଏ । ଠିକ୍ ସେହିପରି ସତ୍ୟ ଓ ବ୍ରହ୍ମଜ୍ଞାନମୂଳକ ବର୍ଣ୍ଣନା କରିବା ସମୟରେ ସେହି ଶବ୍ଦଗୁଡ଼ିକ ତା' ତୁଣ୍ଡରୁ ବାହାରିଥାଏ । ତା'ର ଜ୍ଞାନର ଯୋଗ୍ୟତାକୁ ଆକଳନ କରିବା ନିମନ୍ତେ ଏକ ମାପକର କଳ୍ପନା କରାଯାଇଥାଏ ଓ ଯେଉଁ କଥାଗୁଡ଼ିକ ଜ୍ଞାନାତ୍ମକ ଓ ପୂର୍ଣ୍ଣ ବୁଦ୍ଧିର ନିର୍ଝରରୁ ବାହାରିଥାଏ, ଯେଉଁ କଥା ସଂକୀର୍ଣ୍ଣ, ଅପ୍ରସନ୍ନ, ଅନ୍ଧକାର ତଥା ସଂକୀର୍ଣ୍ଣ ଚିନ୍ତାଧାରା ଦ୍ୱାରା ଉତ୍ପନ୍ନ ହୋଇଥାଏ । ଉଭୟ ପ୍ରକାରର କଥନରେ ଏଭଳି ପାର୍ଥକ୍ୟ ରହିଛି ଯେ, ଏକ ଜ୍ଞାନ ଓ ପରିଚୟାତ୍ମକ ଝରଣା ରହିଛି, ଏକ ଉପର ଠଉରିଆ ପ୍ରକାରର ପ୍ରସଙ୍ଗ ରହିଛି । ତେବେ ସେମାନଙ୍କ ମଧ୍ୟର ସ୍ୱଷ୍ଟ ପାର୍ଥକ୍ୟ ସଂକ୍ରାନ୍ତରେ ସୂଚନା ମିଳିଥାଏ ।

ହୁଜୁର ଅ.ସ କୁହନ୍ତି: "ସ୍ୱଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ଯେପରିକି ଘ୍ରାଣଶକ୍ତି ଆଗରେ କୌଣସି ବ୍ୟକ୍ତିର ସ୍ୱଭାବିକ କିମ୍ବା ସାମୟିକ ବିପତ୍ତି ଠାରୁ ବିକୃତ ବା ଦୂଷିତ ହୋଇ ନଥିବ ତେବେ ସୁଗନ୍ଧ ଓ ଦୁର୍ଗନ୍ଧ ମଧ୍ୟରେ ସ୍ୱଷ୍ଟ ଭାବରେ

ପାର୍ଥକ୍ୟ ପରିଲକ୍ଷିତ ହୋଇଯାଇଥାଏ । ତୁମେମାନେ ଯେଉଁ ପର୍ଯ୍ୟନ୍ତ ଚାହୁଁଛ ଚିନ୍ତା କରିନିଅ କୌଣସି ଦୋଷ ତ୍ରୁଟି ପବିତ୍ର କୁରଆନ୍ କରୀମ୍ର ସତ୍ୟତାରେ ଦେଖିବାକୁ ପାଇ ନାହିଁ । ଏକଥା ସତ୍ୟ ଯେ, ତୁମେମାନେ ଅନ୍ୟ କୌଣସି ପାର୍ଶ୍ୱରୁ କୌଣସି ପ୍ରକାରର ବାଧା ବିଘ୍ନ ଦେଖିବାକୁ ପାଇବ ନାହିଁ । ସୁତରାଂ ଯେତେବେଳେ ପ୍ରତ୍ୟେକ ଦୃଷ୍ଟିରୁ ଏହା ପ୍ରମାଣିତ ଯେ, ଯେଉଁ ପାର୍ଥକ୍ୟ ଶୈକ୍ଷିକ ଓ ବୌଦ୍ଧିକ ଶକ୍ତି ମଧ୍ୟରେ ଲୁକ୍କାୟିତ ହୋଇଥାଏ ତାହା କଥନା ଅବଶ୍ୟ ପ୍ରକାଶିତ ହୋଇଥାଏ। ଏହା କଦାପି ସମ୍ଭବପର ନୁହଁ ଯେ, ଯେଉଁ ବ୍ୟକ୍ତିମାନେ ବୌଦ୍ଧିକ ଦୃଷ୍ଟିରୁ, ଶୈକ୍ଷିକ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ଅଟନ୍ତି ସେମାନେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ, ଅର୍ଥୋତ୍କର୍ଷତାରେ ଏକପାରି (ସମାନ) ହୋଇଯିବେ । ସେ ଯାହା ହେଉ ନା କାହିଁକି ଜ୍ଞାନ ଓ ବୁଦ୍ଧିମତା ସମ୍ପନ୍ନ ବ୍ୟକ୍ତିମାନେ ତହିଁରୁ ଉର୍ଦ୍ଧ୍ୱରେ ରହିବେ । ସେମାନେ ସାଧାରଣ ବ୍ୟକ୍ତି ସହିତ ସମାନ ହୋଇପାରିବେ ନାହିଁ ଏବଂ କୌଣସି ପ୍ରଭେଦ ଅବଶିଷ୍ଟ ନରହୁ । ସୁତରାଂ ସେହି ସତ୍ୟତାର ପ୍ରମାଣିତ ତଥା ସିଦ୍ଧ ହେବା ଅନ୍ୟ ସତ୍ୟତାର ପ୍ରମାଣକୁ ଅନିର୍ବାର୍ଯ୍ୟ ରୂପେ ଆବଶ୍ୟକ କରେ ଯାହାକି ଈଶ୍ୱରଙ୍କ ବାଣୀ ହୋଇଥିବ ଏବଂ ତାହା ମାନବିକ ବାଣୀ ଠାରୁ ନିଜର ପ୍ରକାଶ୍ୟଗତ ଓ ଆଭ୍ୟନ୍ତରୀଣଗତ ପୂର୍ଣ୍ଣତ୍ୱତାରେ ଶ୍ରେଷ୍ଠତର ଓ ସର୍ବୋତ୍କୃଷ୍ଟ ଏବଂ ଅନନ୍ୟ ହେବା ବିଧେୟ ।"

ଅତଏବ୍ ଉକ୍ତ ଉଦାହରଣରୁ ଏହା ସାବ୍ୟସ୍ତ ହୁଏ ଯେ, ଅଲ୍ଲାଃତାଲଙ୍କର ବାଣୀ ସେହି ସମସ୍ତ ବାଣୀରୁ ଉର୍ଦ୍ଧ୍ୱରେ ଅବସ୍ଥିତ । ଅଲ୍ଲାଃତାଲା ହିଁ ସମସ୍ତ ଜ୍ଞାନକୁ ଆବେଷ୍ଟିତ କରି ରଖିଛନ୍ତି । ଏତାଦୃଶ ଜ୍ଞାନ କାହାରିକୁ ପ୍ରଦାନ କରାଯାଇ ନାହିଁ। କାରଣ ଈଶ୍ୱରଙ୍କ ପୂର୍ଣ୍ଣାତ୍ମକ ଜ୍ଞାନ ସହିତ ଅନ୍ୟ କୌଣସି ବ୍ୟକ୍ତିର ଜ୍ଞାନ ସମାନ ଓ ସମକକ୍ଷ ହୋଇପାରିବ ନାହିଁ । ଏହି ଦିଗ ଆଡ଼କୁ ପ୍ରଭୁ ଇଙ୍ଗିତ କରି କହିଲେ, فَاِلَّمۡ یَسۡتَجِیۡبُوۡا لَکُمۡ فَاعۡلَمُوۡۤا اَنَّمَاۤ اُنۡزِلَ بِعِلۡمِ اللّٰہِ **(ଅଲ ହୁଦ୍: 15)** ସୁତରାଂ ଯଦି ସେମାନେ ତୁମ୍ଭର ଏହି ଆହ୍ୱାନକୁ ଗ୍ରହଣ ନ କରନ୍ତି ତେବେ ଜାଣି ରଖ ଯେ, ଏହା କେବଳ ଅଲ୍ଲାଃତାଲାଙ୍କର ଜ୍ଞାନ ଉପରେ ଆଧାରିତ ହୋଇ ଅବତୀର୍ଣ୍ଣ ହୋଇଅଛି ଏବଂ ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସନାର ଯୋଗ୍ୟ ନୁହନ୍ତି ।

ସୁତରାଂ କ'ଣ ତୁମେମାନେ ସମ୍ପୂର୍ଣ୍ଣ ଆତ୍ମସମର୍ପଣକାରୀ ହେବ । ଯେତେବେଳେ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବେ ନାହିଁ ସେତେବେଳେ ଏହା ପ୍ରକାଶ୍ୟ ଯେ, ଉକ୍ତ ବାଣୀ ମାନବିକ ବାଣୀ ନୁହେଁ ବରଂ ଐଶୀବାଣୀ ଅଟେ । ପରମେଶ୍ୱରଙ୍କ ସେହି ବ୍ୟାପକ ତଥା ପୂର୍ଣ୍ଣାତ୍ମକ ଜ୍ଞାନ ତୁଳନାରେ ମାନବିକ ଜ୍ଞାନ ଅବାସ୍ତବ ଓ ତୁଚ୍ଛ ଅଟନ୍ତି । ଉପରୋକ୍ତ ଆୟତ୍‌ରେ '**ଇଲ୍ମ**' ପ୍ରମାଣ ଆକାରରେ ପ୍ରଭାବର ଅସ୍ତିତ୍ୱକୁ ପ୍ରଭାବଶାଳୀ ଅସ୍ତିତ୍ୱର ପ୍ରମାଣ ରୂପେ ବିବେଚିତ କରାଯାଇଛି । ଅନ୍ୟ ଅର୍ଥରେ ଏହାର ସାରାଂଶ ଏହିକିଯେ, ଐଶୀ ଜ୍ଞାନ ନିଜର ପୂର୍ଣ୍ଣାଙ୍ଗ ତଥା ବ୍ୟାପକତା ଦୃଷ୍ଟିରୁ କଦାପି ମାନବିକ ଜ୍ଞାନ ସହିତ ସମତୁଲ୍ୟ ହୋଇପାରିବ ନାହିଁ । ବରଂ ଏଥିପାଇଁ ଆବଶ୍ୟକ ଯେ, ଯେଉଁ ବାଣୀ ସେହି ପୂର୍ଣ୍ଣ ଓ ଅଦୃଷ୍ଟାନ୍ତନୀୟ ଜ୍ଞାନରୁ ଉଦ୍‌ଭୂତ ତାହା ମଧ୍ୟ ପୂର୍ଣ୍ଣ ଓ ଅଦୃଷ୍ଟାନ୍ତନୀୟ ହେବା ବିଧେୟ । ମାନବିକ ବାଣୀ ଠାରୁ ତାହା ପୂର୍ଣ୍ଣ ରୂପେ ପୃଥକ ଓ ଭିନ୍ନ ହେବା ଉଚିତ୍ । ସୁତରାଂ ଏହି ପୁର୍ଣ୍ଣତ୍ୱତା ପବିତ୍ର କୁରଆନ୍ କରୀମ୍ରୁ ପ୍ରମାଣିତ ।"**(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-216-240)**

ଅତଏବ୍ କୁରଆନ୍ କରୀମ ପ୍ରତ୍ୟେକ ଦୃଷ୍ଟିରୁ ପୂର୍ଣ୍ଣ ହେବାର ଦାବି ଉପସ୍ଥାପିତ କରିଥାଏ ଏବଂ କେହିବି ତା' ବିରୁଦ୍ଧରେ ନା ତିଷ୍ଠି ପାରିଛି ଓ ନା ତିଷ୍ଠି ପାରିବ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ ହିଁ ଜ୍ଞାନାତ୍ମକ ସ୍ତର ସହିତ ବ୍ୟବହାରିକର ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇଥାଏ । ଜ୍ଞାନାତ୍ମକ ଓ ବ୍ୟବହାରିକ ଉଭୟ ପ୍ରସଙ୍ଗରେ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଥାଏ । ଯେପରି ପବିତ୍ର କୁରଆନ୍ କରୀମରୁ ଶୈକ୍ଷିକ ବା ଜ୍ଞାନାତ୍ମକ ସ୍ତରରେ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇଥାଏ ଠିକ୍ ସେହିପରି ବ୍ୟବହାରିକ କ୍ଷେତ୍ରରେ ଚୂଡ଼ାନ୍ତ ସ୍ତର ମଧ୍ୟ ଏହି ମାଧ୍ୟମରେ ପ୍ରାପ୍ତ ହୋଇଥାଏ ଏବଂ ଲକ୍ଷଣ ଓ ଏକେଶ୍ୱରଙ୍କ ସ୍ୱୀକୃତମୂଳକ ଆଲୋକ ଓ ବର ମଧ୍ୟ ସେହି ଲୋକମାନଙ୍କ କ୍ଷେତ୍ରରେ ପ୍ରକାଶିତ ହୋଇଥାଏ। ଯେଉଁମାନେ ଉକ୍ତ ପବିତ୍ର ବାଣୀକୁ ଅନୁକରଣ କଲେ ସେମାନଙ୍କ କ୍ଷେତ୍ରରେ ବର୍ତ୍ତମାନ ମଧ୍ୟ ଏହି ଚମତ୍କାର ପ୍ରକାଶିତ ହେଉଅଛି । ଅନ୍ୟ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଭୁଙ୍କର ଏହି ସ୍ୱୀକୃତିମୂଳକ ଲୀଳା କଦାପି ପ୍ରକାଶିତ ହୁଏ ନାହିଁ । ସୁତରାଂ ସତ୍ୟାନ୍ୱେଷୀମାନଙ୍କ ନିମନ୍ତେ ଏହି ପ୍ରମାଣ ଯଥେଷ୍ଟ ଯିଏ ସ୍ୱୟଂ ସ୍ୱଚକ୍ଷୁରେ ଏହାକୁ ଅବଲୋକନ ଓ ନୀରୀକ୍ଷଣ କରିପାରିବ । ଅର୍ଥାତ କେବଳ ପବିତ୍ର କୁରଆନ୍ କରୀମ୍ର ଅନୁକରଣତ୍ୱରେ ଆକାଶୀୟ କଲ୍ୟାଣ, ଆକାଶୀୟ ନିଦର୍ଶନ ଦେଖିବାକୁ ମିଳିଥାଏ ।" **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-352 -351, ଅବଶିଷ୍ଟାଂଶ ବି.ଦ୍ର-11)** ପବିତ୍ର କୁରଆନ୍ କରୀମ୍ର (ପବିତ୍ର କୁରଆନ୍ କରୀମ୍ରେ ଉଲ୍ଲିଖିତ ଆଦେଶାବଳୀର) ପୂର୍ଣ୍ଣ ରୂପେ ଯଦି ଆଜ୍ଞା ପାଳନ କର ତେବେ ତୁମେମାନେ ଐଶୀ ନିଦର୍ଶନ ଅବଶ୍ୟ ଅବଲୋକନ କରିବ ।

ଲୋକମାନେ ମୋତେ ନିଦର୍ଶନ ସଂକ୍ରାନ୍ତରେ ପ୍ରଶ୍ନ କରନ୍ତି ଯେ, ନିଦର୍ଶନ କାହିଁ ଓ କେଉଁଠି ? ଆମମାନଙ୍କୁ  କାହିଁକି ଦୃଶ୍ୟମାନ ହେଲା ନାହିଁ ଅବା ଆମେମାନେ ଏତେ ସମୟ ଧରି ଦୁଆ କରିଥିଲୁ ହେଲେ ଆମର ଦୁଆ କାହିଁକି ସ୍ୱୀକୃତ ହେଲା ନାହିଁ ? ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା କହିଲେ ଯେ, ହେ ଭକ୍ତଗଣ ! ମୋ କଥା ମଧ୍ୟ ଶୁଣ, ମୋ ଉପରେ ପୂର୍ଣ୍ଣ ରୂପେ ବିଶ୍ୱାସ ଆଣ, ମୋ ଆଦେଶାବଳୀ ଉପରେ ପରିଚାଳିତ ହୁଅ ତଥା ଏହାକୁ କାର୍ଯ୍ୟକାରୀ ମଧ୍ୟ କର । ଯେତେବେଳେ ତୁମେ ପ୍ରଭୁଙ୍କ ଆଦେଶାବଳୀକୁ ପାଳନ କରିବ ସେତେବେଳେ ଅଲ୍ଲାଃତାଲା ତୁମମାନଙ୍କର ପ୍ରାର୍ଥନା (ଦୁଆ)କୁ ଅବଶ୍ୟ ସ୍ୱୀକାର କରନ୍ତି । ସୁତରାଂ ଏହା ମଧ୍ୟ ପବିତ୍ର କୁରଆନ୍ କରୀମ୍ର ଶିକ୍ଷାର ଏକ ବୈଶିଷ୍ଟ୍ୟତା ଓ ଅନନ୍ୟତା ଯେ, ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟନୁସରଣ କରୁଥିବା ବ୍ୟକ୍ତିମାନେ ହିଁ ଅସାଧାରଣ କଲ୍ୟାଣ ପ୍ରାପ୍ତ କରିଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ପବିତ୍ର କୁରଆନ୍ କରୀମ୍ ଅତ୍ୟନ୍ତ ସୁନ୍ଦର ଓ ସୌଷ୍ଠବ ଢଙ୍ଗରେ ସଂକ୍ଷିପ୍ତ ଓ ସାରମର୍ମ ମାଧ୍ୟମରେ ସମସ୍ତ ଧାର୍ମିକ ସତ୍ୟତା ଉପରେ ଆବେଷ୍ଟିତ ।" '**ଇଯାଜ୍**' କହିଲେ ଚମତ୍କାର ନୁହେଁ ବରଂ **ଇଯାଜ୍** କହିଲେ, ايجاز ସହିତ ଏହାର ଅର୍ଥ ହେଉଛି ସଂକ୍ଷିପ୍ତମୂଳକ ବିଷୟବସ୍ତୁ। ଉକ୍ତ ପ୍ରସଙ୍ଗକୁ ଆପଣ ଅ.ସ ବର୍ଣ୍ଣନା କରି କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ନିଜର ଉଚ୍ଚ ଲାଳିତ୍ୟ ସମ୍ପନ୍ନତା, ସତ୍ୟତା ଓ ବ୍ରହ୍ମଜ୍ଞାନ ସମ୍ପନ୍ନ ଓଜସ୍ୱୀତାକୁ ଏବଂ ଆବଶ୍ୟକ ଶାସ୍ୱତ ସତ୍ୟର ନିୟମିତ ଆଜ୍ଞା ପାଳନ ମାଧ୍ୟମରେ ଅବଗତ କରିଅଛି । ସୁତରାଂ ସମସ୍ତ ଧାର୍ମିକ ସତ୍ୟତା ଉପରେ ଆବେଷ୍ଟିତ କରି ଦେଖାଇ ଦେଇଅଛି ।

ତହିଁରେ ପ୍ରତ୍ୟେକ ବିରୋଧୀ ପାଇଁ ସତ୍ୟାଧାରିତ ପ୍ରମାଣ ବହୁଳ ପରିମାଣରେ ମହଜୁଦ୍ ରହିଛି ଓ ବିଶ୍ୱାସକାରୀମାନଙ୍କର ବିଶ୍ୱାସକୁ ପୂର୍ଣ୍ଣ ସହସ୍ରାଦ୍ଧ ଗୂଢ ରହସ୍ୟ ଓ ସତ୍ୟତାର ଏକ ଗହ୍ୱର, ନିର୍ମଳ ସ୍ରୋତସ୍ୱତି ନଦୀ ପ୍ରବାହିତ ହେଉଥିବାର ଅବଲୋକନ କରିଥାଉ । ପବିତ୍ର କୁରଆନ୍ ଯେଉଁ ପ୍ରସଙ୍ଗରେ ଉପଦ୍ରବ ଦେଖିଲା ତାହାର ସଂଶୋଧନ ନିମନ୍ତେ ଅଣ୍ଟା ଭିଡ଼ିଛି । ଯେଭଳି ଭାବରେ କୌଣସି ପ୍ରସଙ୍ଗରେ ନ୍ୟୁନାଧିକ୍ୟତା ପ୍ରାବଲ୍ୟତାକୁ ପାଇଲା ସେହି ଗତିରେ ତା'ର ପ୍ରତିରୋଧ ମଧ୍ୟ କରିଛି । ନାନା ପ୍ରକାରର ରୋଗ ବୈରାଗ୍ୟର ଉପଚାର ତହିଁରି ଲିପିବଦ୍ଧ ହୋଇ ରହିଛି ।

ଅସତ୍ ଧର୍ମର ସମସ୍ତ ସନ୍ଦେହକୁ ଦୂରୀଭୂତ କରି ଦେଇଛି । ପବିତ୍ର କୁରଆନ୍ ପ୍ରତ୍ୟେକ ଆପତ୍ତିକାରୀ ପ୍ରଶ୍ନର ଉତ୍ତର ପ୍ରଦାନ କରିଛି । ଏଭଳି କୌଣସି ସତ୍ୟତା ନାହିଁ ଯାହାକି ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇ ନାହିଁ । ଉକ୍ତ ଗ୍ରନ୍ଥରେ କୌଣସି ଅନାବଶ୍ୟକ ପ୍ରସଙ୍ଗ ଉଲ୍ଲେଖିତ ହୋଇ ନାହିଁ । ମିଥ୍ୟା କୌଣସି କଥା ଅନୁପଯୁକ୍ତ ଅବସରରେ ବର୍ଣ୍ଣିତ ହୋଇ ନାହିଁ, କୌଣସି ଶବ୍ଦ ନିରର୍ଥକ ରୂପେ ଦରଜ ହୋଇ ନାହିଁ । ଲାଳିତ୍ୟତାକୁ ଏଭଳି ପୂର୍ଣ୍ଣ ତଥା ସୌଷ୍ଠବ ଢଙ୍ଗରେ ଉପସ୍ଥାପିତ କରାଯାଇଛି ଯେ, ଏହାର ଜ୍ଞାନ ପ୍ରାରମ୍ଭିକ ଓ ଶେଷ ଲୋକମାନଙ୍କ ନିମନ୍ତେ ଉକ୍ତ ଗ୍ରନ୍ଥରେ ଭର୍ତ୍ତି କରିଦିଆଯାଇଛି । ସକଳ ପ୍ରସଙ୍ଗକୁ କଭର୍ (Cover) କରିଛି ଓ ସଂକ୍ଷିପ୍ତ ରୂପେ ଉପସ୍ଥାପିତ ମଧ୍ୟ କରିଛି । କିନ୍ତୁ ଏହାର ବୈଶିଷ୍ଟ୍ୟତା ଓ ଅନନ୍ୟତା ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାଗତ ବର୍ଣ୍ଣନାଗତ ଶୈଳୀ ଠାରୁ ଅଧିକ ହୋଇପାରିବ ନାହିଁ ।

ଏହି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାଗତ ଭାଷା ଶୈଳୀକୁ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛି ଯେ, ପୁର୍ଣ୍ଣତ୍ୱ ସୌନ୍ଦର୍ଯ୍ୟମୂଳକ କ୍ରମିକତା, ସଂକ୍ଷିପ୍ତତା,

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସପ୍ରମାଣମୂଳକ ବର୍ଣ୍ଣନା ମାଧ୍ୟମରେ ପୂର୍ବ ପୁରୁଷଙ୍କ ଜ୍ଞାନ ଓ ଶେଷାର୍ଦ୍ଧମାନଙ୍କ ସକାଶେ ଏକ କ୍ଷୁଦ୍ର ଗ୍ରନ୍ଥରେ ଭର୍ତ୍ତି କରିଦେଇଛି ।" ଆପଣ ଅ.ସ କୁହନ୍ତି: "ଆରବର ଆଦାବାସୀ ଗ୍ରାମ୍ୟ ଲୋକମାନେ ମଧ୍ୟ ପବିତ୍ର କୁରଆନ୍ କରୀମ୍ ବୁଝି ପାରିଥିଲେ। ଫଳତଃ ସେମାନେ ଈଶ୍ୱରାନୁରାଗୀ ହୋଇଗଲେ, ଶିକ୍ଷିତ ବ୍ୟକ୍ତି ପାଲଟିଗଲେ, ଯେଉଁ ବ୍ୟକ୍ତିମାନେ ବିଦ୍ୱାନ୍ ଥିଲେ ସେମାନେ ନିଜର ବୁଦ୍ଧି ଅନୁଯାୟୀ ବୁଝି ନେଲେ। ପୁନଶ୍ଚ ସେହି ଆଦିବାସୀ ଗ୍ରାମ୍ୟ ଜନତାଙ୍କ ପର୍ଯ୍ୟନ୍ତ ଏହି ଗ୍ରନ୍ଥ ସୀମିତ ରହିଲା ନାହିଁ ବରଂ ଶେଷ ଯୁଗର ଲୋକମାନେ ମଧ୍ୟ ଏହାକୁ ବୁଝିନେଲେ । ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଏପରି ଏକ ଶିକ୍ଷା ଯାହାର ବ୍ୟାଖ୍ୟାର ପ୍ରତ୍ୟେକ ଶବ୍ଦରୁ ପ୍ରତ୍ୟେକ ଯୁଗରେ ନବ ନବ ବିନ୍ଦୁ ଓ ନବ ନବ ଅର୍ଥ ବାହାରି ଚାଲିଥାଏ ।

ସାଂପ୍ରତିକ ଯୁଗାନୁଯାୟୀ ସେହି ବିନ୍ଦୁ ଓ ବ୍ୟାଖ୍ୟାକୁ ଆମେମାନେ ଅତି ସହଜରେ ହୃଦୟଙ୍ଗମ କରିବାକୁ ସକ୍ଷମ ହୋଇଥାଉ । ଅତଏବ୍ ଅଲ୍ଲାଃତାଲା ସେହି ସମସ୍ତ ପ୍ରସଙ୍ଗକୁ ଏକ କ୍ଷୁଦ୍ର ଗ୍ରନ୍ଥରେ ସନ୍ନିବେଶିତ ତଥା ଭର୍ତ୍ତି କରିଦେଲେ। କାରଣ ମନୁଷ୍ୟ ଯାହାର ବସୟ ସ୍ୱଳ୍ପ ଓ କାର୍ଯ୍ୟ ଅଧିକ ସେ ମୁଣ୍ଡବ୍ୟଥାରୁ ମୁକ୍ତ ହୋଇଯାଉ । ଇସ୍‌ଲାମ୍ ଧର୍ମକୁ ସେହି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ପୂର୍ଣ୍ଣତ୍ୱତା ମାଧ୍ୟମରେ ପ୍ରକାଶନ ସମସ୍ୟାରେ ସାହାଯ୍ୟ ପ୍ରାପ୍ତ ହେଉ ଓ ଏହି ଗ୍ରନ୍ଥକୁ ମନେରଖିବା ସହଜସାଧ ହେଉ ।" **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-451-456, ବି.ଦ୍ର ସଂଖ୍ୟା-3)**

ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌କୁ ଆବାଳ ବୃଦ୍ଧ ବନୀତା ସ୍ମରଣ ରଖି ପାରିବେ। ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକ ବରାହିନେ ଅହେମଦିୟାରେ ଏହା ପ୍ରମାଣିତ କରିଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ଏକମାତ୍ର ଧର୍ମଗ୍ରନ୍ଥ ଯିଏ ନିଜର ପଦାବଳୀ ଦୃଷ୍ଟିରୁ ଓ ଭାଷା ଦୃଷ୍ଟିରୁ ଏଭଳି ସତ୍ୟତା ବର୍ଣ୍ଣନା କରିଥାଏ ଯାହାକି ଅନ୍ୟତ୍ର କେଉଁଠି (ଦେଖିବାକୁ ମିଳୁ) ନାହିଁ । ଇଞ୍ଜିଲ୍ ଆଦି ଧର୍ମଗ୍ରନ୍ଥଗୁଡ଼ିକ ମାନବିକ ହସ୍ତକ୍ଷେପ ଯୋଗୁଁ ବର୍ତ୍ତମାନ ଆଉ ଐଶୀ ଧର୍ମଗ୍ରନ୍ଥ ହୋଇ ରହିଲା ନାହିଁ।

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ସଂକ୍ଷିପ୍ତ ସାରବତ୍ତାମୂଳକ ପୂର୍ଣ୍ଣ ବାଣୀ ସଂକ୍ରାନ୍ତରେ ଅନ୍ୟ ଏକ ସ୍ଥାନରେ କୁହନ୍ତି: ଯେତେବେଳେ ନ୍ୟାୟପରାୟଣ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ଅବଲୋକନ କରେ ସେତେବେଳେ ସେମାନଙ୍କୁ ତୁରନ୍ତ ଜ୍ଞାତ ହୋଇଯିବ ଯେ, ପବିତ୍ର କୁରଆନ୍ କରୀମ୍‌ରେ ସଂକ୍ଷିପ୍ତ ସାରବତ୍ତାମୂଳକ ବାଣୀ قَلَّ وَدَلَّ ବର୍ଣ୍ଣନାରେ ଯାହାକି ଅନିର୍ବାର୍ଯ୍ୟମୂଳକ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷା ଶୈଳୀର ସେହି ଚମତ୍କାରିକତା ପ୍ରଦର୍ଶନ କରିଅଛି । ଅର୍ଥାତ ସ୍ୱଳ୍ପ ସଂକ୍ଷିପ୍ତ ଶବ୍ଦରେ ଓ ସ୍ୱଷ୍ଟ ବର୍ଣ୍ଣନାରେ ଶୀର୍ଷ ସ୍ତର ପର୍ଯ୍ୟନ୍ତ ଉପନୀତ ହୋଇଯାଇଅଛି ।

ପବିତ୍ର କୁରାଆନ୍ କରୀମ୍ ସେହି ଚମତ୍କାରିକତା ପ୍ରଦର୍ଶନ କରିଅଛି ଏବଂ ଧର୍ମର ସମସ୍ତ ଆବଶ୍ୟକତାକୁ ଆବେଷ୍ଟିତ ଓ ଆୟୁଦ୍ଧ କରି ଓ ସକଳ ପ୍ରମାଣକୁ ଆହରଣ କରି ସ୍ଥୁଳତ୍ୱତାରେ ଏଭଳି ସ୍ୱଳ୍ପ ପରିମାଣର ଯେ, ମନୁଷ୍ୟ ଏହାକୁ କେବଳ ତିନି ଚାରି ପ୍ରହରର ଅବଧି ମଧ୍ୟରେ ପ୍ରାରମ୍ଭରୁ ଶେଷ ଯାଏ ସନ୍ତୋଷଜନକ ଭାବରେ ଏହାକୁ ପାଠ କରିପାରିବ । ପବିତ୍ର କୁରାଅନ୍ କରୀମ୍‌ରେ ଏଭଳି ସଂକ୍ଷିପ୍ତ ଶବ୍ଦାବଳୀ ରହିଛି ଯେ, ଜଣେ ବ୍ୟକ୍ତି ଏହାକୁ ଅତି ସହଜରେ ପାଠ କରିପାରିବ ।

ବର୍ତ୍ତମାନ ଲକ୍ଷ୍ୟ କରିବା ଉଚିତ୍ ଯେ, ଏହି ଲାଳିତ୍ୟ ସମ୍ପନ୍ନତା କିଭଳି ଗୁରୁ ଗାମ୍ଭୀର୍ଯ୍ୟମୂଳକ ଚମତ୍କାର ଯେ, ଜ୍ଞାନର ଏକ ନିନାଦିତ ସମୁଦ୍ରକୁ ତିନି ଚାରି ଭାଗରେ ଗୁଡ଼ାଇ ଦେଖାଇ ଦେଇଅଛି । ବ୍ରହ୍ମଜ୍ଞାନର ଏକ ସଂସାରକୁ କେବଳ କେତେକ ପୃଷ୍ଠା ମଧ୍ୟରେ ଆବଦ୍ଧିତ କରି ପରିପୂର୍ଣ୍ଣ କରିଦେଇଛି । କୌଣସି ବ୍ୟକ୍ତି କେବେ ଏହା ଅବଲୋକନ କରିଛି ଯେ, ଏଭଳି ସ୍ୱଳ୍ପ ସ୍ଥୁଳାକାୟ ଗ୍ରନ୍ଥ ସମସ୍ତ ଯୁଗର ସତ୍ୟତା ଉପରେ ପର୍ଯ୍ୟବେସିତ ଅଟେ । କ'ଣ କୌଣସି ବୁଦ୍ଧିମାନ ବ୍ୟକ୍ତିର ବିବେକ ଏହି ପରାମର୍ଶ ଦେଇପାରିବ ଯେ, ସେ ସ୍ୱଳ୍ପ ଶବ୍ଦରେ ଏକ ବ୍ରହ୍ମଜ୍ଞାନ ସମ୍ପନ୍ନ ସାଗରକୁ ପରିପୂର୍ଣ୍ଣ କରିଦେଉ ଯଦ୍ୱାରା ଧାର୍ମିକ ଜ୍ଞାନର କୌଣସି ସତ୍ୟତା ତହିଁରୁ ବହିର୍ଭୂତ ନହେଉ ।" **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-526-527, ବି.ଦ୍ରର ବି.ଦ୍ର ସଂଖ୍ୟା-3)**

ହ. ମସିହ୍ ମଉଦ୍ ଅ.ସ ଏଠାରେ ହିନ୍ଦୁମାନଙ୍କର ଧର୍ମଗ୍ରନ୍ଥ ବେଦର ତୁଳନା କରୁଥିଲେ ଏବଂ ସାବ୍ୟସ୍ତ କରିଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର ଯେପରି ବର୍ଣ୍ଣନା ରହିଛି ସେପରି ବେଦରେ କୌଣସି ବର୍ଣ୍ଣନା ଉଲ୍ଲିଖିତ ନାହିଁ । ବେଦରେ ଦୀର୍ଘ ବାକ୍ୟ ରହିଛି ଯାହାକୁ ପାଠ କରିବା କଷ୍ଟ ସାଧ ଅଟେ । କୁରଆନ୍‌ର ଶିକ୍ଷା ଏଭଳି ଶିକ୍ଷା ଯାହାର ବ୍ୟାଖ୍ୟା ପ୍ରତ୍ୟେକ ଯୁଗ ଅନୁଯାୟୀ ଜ୍ଞାନ ପ୍ରଦାନ କରିଥାଏ। କ'ଣ କୌଣସି ବ୍ୟକ୍ତି ଏହିଭଳି ଶିକ୍ଷା ଅବଲୋକନ କରିଛି ଯାହା ସ୍ୱଳ୍ପ ଶବ୍ଦ ସଜ୍ଜୀକରଣ ମାଧ୍ୟମରେ ଜ୍ଞାନର ମହାସାଗର ପ୍ରବାହିତ କରିଦେଇଥାଏ ? ହ. ମସିହ୍ ମଉଦ୍ ଅ.ସ ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କୁ ଚ୍ୟାଲ୍‌ଞ୍ଜ ଦେଇ କହିଲେ ଯେ, ଆସ ମୁଁ ତୁମମାନଙ୍କୁ ଉକ୍ତ ଗ୍ରନ୍ଥର ବିଶେଷତା ଦେଖାଇ ଦେଉଛି ଏବଂ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବି ଉକ୍ତ ଚ୍ୟାଲେଞ୍ଜର କୌଣସି ଉତ୍ତର ପ୍ରଦାନ କରି ନାହିଁ। ଏସବୁ ସତ୍ତ୍ୱେ ବିରୋଧୀମାନେ ଆମ ଅହେମଦିମାନଙ୍କ ଉପରେ ମିଥ୍ୟାରୋପ କରୁଛନ୍ତି ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ହାନୀ କରୁଛେ । ପବିତ୍ର କୁରଆନ୍ କରୀମ୍‌ର ଯୁଗ ସଂପୂର୍ଣ୍ଣ ଶିକ୍ଷାର ଯୁଗ ଥିଲା ।

ଅତଃ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ପୂର୍ଣ୍ଣ ଧର୍ମବିଧାନମୂଳକ ଶିକ୍ଷା ଆମମାନଙ୍କୁ ପ୍ରଦାନ କରିଛନ୍ତି । ଆଁହଜରତ ସ.ଅ ଓ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେବାର ସେହି ଯୁଗରେ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷା ଆମମାନଙ୍କୁ ପ୍ରଭୁ ପ୍ରଦାନ କଲେ । ଅତଏବ ପବିତ୍ର କୁରଆନ୍ କରୀମ୍ ଯେଉଁ ଦେବି ଉପସ୍ଥାପନ କରିଛି ଏହା ତା'ର କର୍ତ୍ତବ୍ୟ ଓ ଅଧିକାର ଥିଲା । ସୁତରାଂ ପବିତ୍ର କୁରଆନ୍ କରୀମ୍ ବ୍ୟତୀରେକ ଅନ୍ୟ କୌଣସି ଆକାଶୀୟ ଧର୍ମଗ୍ରନ୍ଥ ଏହିପରି ଦାବି ଉପସ୍ଥାପିତ କରି ନାହାନ୍ତି ।" **(ବରେହିନେ ଅହେମଦିୟ ଭାଗ-5, ରୁହାନୀ ଖଜାଏନ୍, ଭାଗ-21, ପୃ-4)**

ଆପଣ ଅ.ସ କହିଲେ, ଆମ ନିକଟରେ ବିଶ୍ୱାସକାରୀ ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍‌ର ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରେ ଓ ପବିତ୍ର କୁରଆନ୍ କରୀମ୍‌କୁ ଖାତମୁଲ୍ କୁତୁବ (ଶ୍ରେଷ୍ଠ ତଥା ଚୂଡ଼ାନ୍ତ ଧର୍ମବିଧାନମୂଳକ ଗ୍ରନ୍ଥ) ରୂପେ ବିଶ୍ୱାସ କଲେ । ବିଶ୍ୱାସକାରୀର ଏହି ଲକ୍ଷଣ ରହିଛି ଯେ, ସେ ଉକ୍ତ ଗ୍ରନ୍ଥକୁ ଯାହାକୁ ଆଁହଜରତ ସ.ଅ ଇହ ଜଗତକୁ ଆଣିଥିଲେ ତାହାକୁ ସାର୍ବକାଳୀନ ବିଦ୍ୟମାନ ଗ୍ରନ୍ଥବୋଲି ସ୍ୱୀକାର କରୁ ଓ ତହିଁରେ ତିଳେମାତ୍ର ବିନ୍ଦୁଟିଏ ମଧ୍ୟ ପରିବର୍ତ୍ତନ ନକରୁ। ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞାକାରୀତ୍ୱତାର ନିଜକୁ ଉତ୍ସର୍ଗ କରିଦେଉ ଓ ନିଜର ଅସ୍ତିତ୍ୱର ପ୍ରତ୍ୟେକ କଣିକାକୁ ପବିତ୍ର କୁରାଅନ୍ କରୀମ୍ ମାର୍ଗରେ ଲଗାଇ ଦେଉ । ବ୍ୟବହାରିକ ଓ ଶୈକ୍ଷିକ ରୂପେ ଉକ୍ତ ଧର୍ମ ବିଧାନର ବିରୋଧ ପ୍ରଦର୍ଶନ ନକରୁ । ସେତେବେଳେ ଯାଇ ସେ ପ୍ରକୃତ ରୂପେ ମୁସଲମାନ ହୋଇପାରିବ।" **(ମଲ୍‌ଫୁଜାତ୍, ଭାଗ-10, ପୃ-267, ପ୍ରକାଶନ ବର୍ଷ-1984 ମସିହା)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଆମମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ପବିତ୍ର କୁରଆନ୍ କରୀମ୍ ଚୂଡ଼ାନ୍ତ ଧର୍ମଗ୍ରନ୍ଥ ହେବା ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ପବିତ୍ର କୁରାଆନ୍ କରୀମ୍ ଏଭଳି ଯୁଗରେ ଅବତୀର୍ଣ୍ଣ ହୋଇଥିଲା ଓ ଏଭଳି ଯୁଗରେ ଆସିଥିଲା ଯେ, ସେହି ଯୁଗରେ ପ୍ରତ୍ୟେକ ପ୍ରକାରର ଆବଶ୍ୟକତା ଲୋଡ଼ାଥିଲା । ତେଣୁ ଏପରି ଘଟିବା ସମ୍ଭବପର ଥିଲା ଏବଂ ତାହା ଘଟିଲା ମଧ୍ୟ। ଅର୍ଥାତ ସମସ୍ତ ଚାରିତ୍ରିକ ଓ ଆସ୍ଥା ତଥା ବିଶ୍ୱାସଭିତ୍ତିକ, ବାଚିକ ଓ କାର୍ମିକ ଆଚରଣ ବିଶୃଙ୍ଖଳିତ (ବିଗିଡ଼ି) ହୋଇ ଯାଇଥିଲା । ପ୍ରତ୍ୟେକ ପ୍ରକାରର ନ୍ୟୁନାଧିକ୍ୟ ତାରତମ୍ୟତା ଓ ପ୍ରତ୍ୟେକ ପ୍ରକାରର ଉପଦ୍ରବ, ହିଂସା ସୀମା ଟପି ଯାଇଥିଲା । ତେଣୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ମଧ୍ୟ ସେହି ଚୁଡ଼ାନ୍ତ ସ୍ତର ଏବଂ ଚୂଡ଼ାନ୍ତ ସମୟରେ ଅବତୀର୍ଣ୍ଣ ହୋଇଥିଲା ।

ସୁତରାଂ ଏହି ଅର୍ଥ ଦୃଷ୍ଟିରୁ ପବିତ୍ର କୁରଆନ୍ କରୀମ୍ ଚୂଡ଼ାନ୍ତ, ସଂପୂର୍ଣ୍ଣ ରୂପେ ବିବେଚିତ ହେଲା ଏବଂ ପୂର୍ବ ଧର୍ମଗ୍ରନ୍ଥଗୁଡ଼ିକ ଖୁଣଯୁକ୍ତ ଏବଂ ଅପୂର୍ଣ୍ଣ ରହିଲା। କାରଣ ପୂର୍ବ କାଳରେ ସେହି ଉପଦ୍ରବ, ହିଂସା ଯାହାର ସଂଶୋଧନ ନିମନ୍ତେ ଐଶୀବାଣୀମୂଳକ ଧର୍ମଗ୍ରନ୍ଥ ଆସିଥିଲେ ତାହା ମଧ୍ୟ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚି ନଥିଲା । କିନ୍ତୁ ଏଠାରେ ସେହି ଧର୍ମଗ୍ରନ୍ଥଗୁଡ଼ିକର ପରିସମାପ୍ତି ବା ଅନ୍ତ ଘଟିଲା। ଏହି ଧର୍ମଗ୍ରନ୍ଥରେ ବର୍ଣ୍ଣିତ ଶିକ୍ଷା ମଧ୍ୟ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚିଗଲା । ତେଣୁ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେଲା ଓ ଏଇଥିପାଇଁ ଆଁହଜରତ ସ.ଅଙ୍କ


### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)



### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ମାଧ୍ୟମରେ ଇସଲାମ୍ ଧର୍ମର ମୂଳଦୁଆ ପଡ଼ିଲା ।

ସୁତରାଂ ବର୍ତ୍ତମାନ ପବିତ୍ର କୁରଆନ୍ କରୀମ୍ ଓ ଅନ୍ୟ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ମୂଳ ପାର୍ଥକ୍ୟ ହେଉଛି ଯେ, ପୂର୍ବ ଧର୍ମଗ୍ରନ୍ଥମାନଙ୍କରେ ଯଦି ପ୍ରତ୍ୟେକ ପ୍ରକାରର ବାଧା ବିଘ୍ନ, ଦୋଷ ତ୍ରୁଟି ଠାରୁ ସୁରକ୍ଷିତ ଏବଂ ଶୂନ୍ୟ ଯଦିବି ରହିଥାଆନ୍ତା ତଥାପି ସେହି ଧର୍ମଗ୍ରନ୍ଥଗୁଡ଼ିକ ତ୍ରୁଟିଯୁକ୍ତ ଏବଂ ଖୁଣ ଯୁକ୍ତ ଶିକ୍ଷା ହେବା ବିଧେୟ ଥିଲା କି କୌଣସି ସମୟରେ ପୂର୍ଣ୍ଣାଙ୍ଗ ଶିକ୍ଷା ଅର୍ଥାତ ପବିତ୍ର କୁରଆନ୍ କରୀମ ପ୍ରଦୁର୍ଭୂତ ହୋଇଥାଆନ୍ତା । ସେହି ଲୋକମାନଙ୍କ ସମ୍ମୁଖରେ କେତେକ ପ୍ରସଙ୍ଗ ଆସି ହିଁ ନଥିଲା ତେବେ ସେମାନେ କିପରି ବର୍ଣ୍ଣନା କରିପାରି ଥାଆନ୍ତେ । ଅତଏବ ସେହି ଧର୍ମାବଲମ୍ବୀମାନଙ୍କର ଶିକ୍ଷା ଅପୂର୍ଣ୍ଣ ଓ ଖୁଣପୂର୍ଣ୍ଣ ଥିଲା । ସୁତରାଂ ପବିତ୍ର କୁରଆନ୍ କରୀମ୍ ଆବିର୍ଭୂତ ହେବା ଅନିର୍ବାର୍ଯ୍ୟ ଥିଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସକାଶେ ବର୍ତ୍ତମାନ ଏହି ଆବଶ୍ୟକତା ଆଉ ଲୋଡ଼ା ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍ ପରେ ଅନ୍ୟ କୌଣସି ଧର୍ମଗ୍ରନ୍ଥ ଆସୁ । କାହିଁକି ନା ପୂର୍ଣ୍ଣତ୍ୱ ପରେ ଅନ୍ୟ କୌଣସି ସ୍ତର ଅବଶିଷ୍ଟ ନଥାଏ (ଅର୍ଥାତ ଆଉ ଆବଶ୍ୟକତା ନଥାଏ) । ହଁ ଯଦି ଧରିନିଆଯାଉ ଯେ, କୌଣସି ସମୟରେ ପବିତ୍ର କୁରଆନ୍ କରୀମ୍‌ର ପ୍ରକୃତ ନୀତି ନିୟମ ବିପରୀତ ବେଦ ଓ ଇଞ୍ଜିଲ୍ ପରି ପବିତ୍ର କୁରଆନ୍ କରୀମ୍‌ରେ ସମକକ୍ଷମୂଳକ ନୀତି ପ୍ରଣୟନ କରାଯିବ ଓ ଏକେଶ୍ୱରବାଦର ଶିକ୍ଷାରେ ପରିବର୍ତ୍ତନ ଓ ଅନ୍ତର୍ବିନିମୟ ଦେଖାଦେବ ।

ପବିତ୍ର କୁରଆନ୍ କରୀମ୍‌ରେ କୌଣସି ପରିବର୍ତ୍ତନ ଘଟିବ କିମ୍ବା ତତ୍‌ସହିତ ଏହା ମନେକରି ନିଆଯାଏ ଯେ, କୌଣସି ଯୁଗରେ କୋଟି କୋଟି ମୁସଲମାନମାନେ ଯେଉଁମାନେ କି ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ଅଟନ୍ତି ସେମାନେ ମଧ୍ୟ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ପନ୍ଥା ଅବଲମ୍ବନ କରିବେ ଓ ମନୁଷ୍ୟ ପୂଜାର ପନ୍ଥା ଅବଲମ୍ବନ କରିନେବେ ତେବେ ନିଃସନ୍ଦେହ ଏଭଳି ପରିସ୍ଥିତିରେ ଦ୍ୱିତୀୟ ଧର୍ମବିଧାନ ଓ ଦ୍ୱିତୀୟ ଅବତାରଙ୍କ ଆଗମନ ନିହାତି ଆବଶ୍ୟକୀୟ ହୋଇ ପଡ଼ିବ । ହଁ ଯଦି ଏହି ଏହି ପରିସ୍ଥିତି ଉପୁଜେ ତେବେ ସମ୍ଭବତଃ ଅବଶ୍ୟ ହେବ । କିନ୍ତୁ ଉଭୟ ପ୍ରକାରର ପରିବର୍ତ୍ତନ ଉଦାହରଣ ଓ ମନେକର (କଳ୍ପନା ପ୍ରସୂତ) ସଦୃଶ ଅଟନ୍ତି । ଏହା ହେଉଛି କାଳ୍ପନିକ ପ୍ରସଙ୍ଗ ଏବଂ ଏପରି ହେବା (ଘଟିବା) ଅସମ୍ଭବ ଅଟେ ।" **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-101-102ର ଅବଶିଷ୍ଟ ବି.ଦ୍ର ସଂଖ୍ୟା-୨ରୁ ଆହୃତ)**

ଅର୍ଥାତ ଏହା ହୋଇପାରିବ ନାହିଁ ଯେ, କାରଣ ଅଲ୍ଲାଃତାଲା ପ୍ରତିଶ୍ରୁତି ପ୍ରଦାନ କିରଛନ୍ତି ଯେ, ମୁଁ ଉକ୍ତ ଧର୍ମବିଧାନକୁ ସୁରକ୍ଷିତ ରଖିବି ଓ ହ. ମସିହ୍ ମଉଦ ଅ.ସଙ୍କୁ ଏହି ଅଭିପ୍ରାୟକୁ ଚରିତାର୍ଥ କରିବା ସକାଶେ ପ୍ରେରଣ କଲେ ଓ ଏହା ହିଁ ଆମମାନଙ୍କର ପ୍ରମୁଖ କାର୍ଯ୍ୟ ଅଟେ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ଯେପରିକି ଅଲ୍ଲାଃତାଲା ବାରମ୍ବାର କହିଛନ୍ତି ଯେ, ମୋକ୍ଷ ସକାଶେ **ସର୍ବପ୍ରଥମେ** ମନୁଷ୍ୟ ଭଗବାନଙ୍କୁ ଏକ, ଅଦ୍ୱିତୀୟ ଓ ଅସମକକ୍ଷ ବୋଲି ସ୍ୱୀକାର କରୁ **ଦ୍ୱିତୀୟତଃ** ଆଁହଜରତ ସ.ଅଙ୍କୁ ପ୍ରଭୁଙ୍କ ସତ୍ୟ ନବୀ ବୋଲି ବିଶ୍ୱାସ ରଖୁ । **ତୃତୀୟତଃ** କୁରଆନ୍ କରୀମ୍‌କୁ ପ୍ରଭୁଙ୍କର ଗ୍ରନ୍ଥ ବୋଲି ଗ୍ରହଣ କରୁ । ପବିତ୍ର କୁରଆନ୍ ହେଉଛି ଏକ ଅଲୌକିକ ଚମତ୍କାର ସମ୍ବଳିତ ଧର୍ମଗ୍ରନ୍ଥ । ଏହାର ଦୃଷ୍ଟାନ୍ତ କୌଣସି ବ୍ୟକ୍ତି ଉପସ୍ଥାପନ ପ୍ରଳୟ ଦିବସ ପର୍ଯ୍ୟନ୍ତ ଉପସ୍ଥାପିତ କରିପାରିବ ନାହିଁ । ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟ କୌଣସି ଧର୍ମଗ୍ରନ୍ଥ କିମ୍ବା ଧର୍ମବିଧାନ ଆଉ ଆସିପାରିବ ନାହିଁ । ଅର୍ଥାତ ପବିତ୍ର କୁରଆନ୍ କରୀମ୍ ପରେ ଅନ୍ୟ କୌଣସି ଧର୍ମଗ୍ରନ୍ଥର ଆବଶ୍ୟକତା ନାହିଁ । **(ମଲ୍‌ଫୁଜାତ୍, ଭାଗ-6, ପୃ-236, ପ୍ରକାଶନ ବର୍ଷ-1984 ମସିହା)**

ଅ.ସ ପୁନଶ୍ଚ କୁରଆନୀୟ ଆକାଶୀୟ ବାଣୀର ମହନୀୟତା ସଂକ୍ରାନ୍ତରେ କହିଲେ, ଶୁଣ ! ପ୍ରଭୁଙ୍କର ଅଭିଶାପ ଓ କୋପ ସେହି ବ୍ୟକ୍ତିମାନଙ୍କ ଉପରେ ପଡ଼ିଥାଏ ଯେଉଁମାନେ ଏହି ଦାବି ଉପସ୍ଥାପିତ କରନ୍ତି ଯେ, ସେମାନେ କୁରଆନ୍‌ର ସମକକ୍ଷ ଗ୍ରନ୍ଥ ଓ ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବେ । ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ଏପରି ଅପୂର୍ବ, ଅନନ୍ୟ ଓ ଅପ୍ରତିମ ଯେ, ଏହାର ଦୃଷ୍ଟାନ୍ତ କୌଣସି ମାନବ କିମ୍ବା ଜିନ୍ ଉପସ୍ଥାପିତ କରିପାରିବ ନାହିଁ । ତହିଁରେ ସେହି ନିଗୂଢ଼ ଏକତ୍ରିତ କରିଦିଆ ଯାଇଛି ଯାହାକୁ କୌଣସି ମାନବିକ ଜ୍ଞାନ ଏହାକୁ ଆୟୁଦ୍ଧ କରିପାରିବ ନାହିଁ କି ଏହାକୁ ଏକତ୍ରିତ ମଧ୍ୟ କରିପାରିବ ନାହିଁ । ଏହା ଏଭଳି ଏକ ଓଜସ୍ୱୀମୂଳକ ପୂର୍ଣ୍ଣ ଐଶୀବାଣୀ ଯେ, ଯଦି ଅଶେଷ ଦୟାବାନ୍ ପ୍ରଭୁଙ୍କ ପକ୍ଷରୁ ପବିତ୍ର କୁରଆନ୍ ପରେ ଅନ୍ୟ କୌଣସି ଐଶୀବାଣୀ ମଧ୍ୟ ହେଉ ପଛେ କିନ୍ତୁ ଏହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଐଶୀବାଣୀରେ ନାହିଁ ।

ଅତଃ ଐଶୀବାଣୀ ପହଞ୍ଚାଇବାରେ ପ୍ରଭୁଙ୍କ ଯେଉଁ ପ୍ରଭା ରହିଛି ଓ ତହିଁରେ କୌଣସି ସଂଶୟ ନାହିଁ ଯେ, ପ୍ରଭୁଙ୍କ ପ୍ରଭା ବା ଆଲୋକ ଯେପରି ନବୀ ଶିରୋମଣିଙ୍କ ଉପରେ ଅବତୀର୍ଣ୍ଣ ହେଲା ଠିକ୍ ସେହିପରି ପ୍ରଭା ଅନ୍ୟ କୌଣସି ଅବତାର ଉପରେ ହେଲା ନାହିଁ କି କେବେ ମଧ୍ୟ ହେବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ଐଶୀବାଣୀର ଯେଉଁ ମାହତ୍ମ୍ୟତା ରହିଛି ତାହା ସାଧୁ ସନ୍ଥଙ୍କର ମାହାତ୍ମ୍ୟ ନୁହେଁ । ସାଧୁ ସନ୍ଥଙ୍କୁ ମଧ୍ୟ କିଛି ଐଶୀବାଣୀ ପ୍ରାପ୍ତ ହୋଇଥାଏ । ହଁ ଯଦିଚ ପବିତ୍ର କୁରଆନ୍ କରୀମ୍ ପରି ଅନ୍ୟ କୌଣସି ବାଣୀ ସେମାନଙ୍କ ଉପରେ ଅବତୀର୍ଣ୍ଣ ହୁଏ କିନ୍ତୁ ତାହା ସେହପରି ଭବ୍ୟତାମୂଳକ ହୋଇ ନଥାଏ ଯେପରି ଅବତାରମାନଙ୍କୁ ହିଁ ପ୍ରାପ୍ତ ହୋଇଥାଏ ।

ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ପରିଚୟର ପରିସର ଅନ୍ୟ ସମସ୍ତ ପରିସର ଅପେକ୍ଷା ଅଧିକ ବୃହତ୍ତର ଅଟେ ଓ ତହିଁରେ ସମସ୍ତ ଜ୍ଞାନ, ପ୍ରତ୍ୟେକ ପ୍ରକାରର ବିଚିତ୍ର ଲୀଳା, ପ୍ରସଙ୍ଗ, ଆଦୃଷ୍ଟ ପ୍ରସଙ୍ଗ ମଧ୍ୟ ଏକତ୍ରିତ ହୋଇଛି । ପବିତ୍ର କୁରଆନ୍ କରୀମ୍‌ର କ୍ଲିଷ୍ଟ ପ୍ରସଙ୍ଗ ଅତ୍ୟନ୍ତ ଉଚ୍ଚ ସ୍ତରୀୟ ଗହ୍ୱର ପର୍ଯ୍ୟନ୍ତ ପହଞ୍ଚିଥାଏ । ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା ଓ ପ୍ରମାଣରେ ସର୍ବାଧିକ ରୂପେ ବିଦ୍ୱତା ତଥା ବୁଦ୍ଧିମତା ସଦୃଶ ଅଟେ । ପବିତ୍ର କୁରଆନ୍ ହେଉଛି ପ୍ରଭୁଙ୍କର ଏକ ଚମତ୍କାରିକମୂଳକ ଅନନ୍ୟ ଓ ଅପୂର୍ବ ତଥା ଅପ୍ରତିମ ବାଣୀ । ଏପରି ଗ୍ରନ୍ଥର ଦୃଷ୍ଟାନ୍ତ ନା କୌଣସି କର୍ଣ୍ଣ କେବେ ଶ୍ରବଣ କରି ନାହିଁ କି ଏହାର ମାହାତ୍ମ୍ୟତା ପର୍ଯ୍ୟନ୍ତ ଜିନ୍ ଓ ମନୁଷ୍ୟର ବାଣୀ ପହଞ୍ଚି ପାରିବେ ନାହିଁ । ଅତଏବ୍ ପବିତ୍ର କୁରଆନ୍ କରୀମ୍ ଓ ଅନ୍ୟ ବାଣୀର ଉଦାହରଣ ସେହି ସ୍ୱପ୍ନ ପରି ଯେଉଁ ସ୍ୱପ୍ନକୁ ଜଣେ ନ୍ୟାୟପ୍ରିୟ, ସାହସୀ ଓ ବୁଦ୍ଧିମାନ ସମ୍ରାଟ ଦେଖିଛି । ଉଦାହରଣ ଦେବାର ଯଦି ଆବଶ୍ୟକତା ରହିଛି ତାହା ଏହିପରି ଯେ, ଜଣେ ସମ୍ରାଟ ଏକ ସ୍ୱପ୍ନ ଦେଖିଲା ଏବଂ ସେହି ସମ୍ରାଟ ଜଣକ ନ୍ୟାୟପ୍ରିୟ ସମ୍ରାଟ ଥିଲା ଏବଂ ଅତ୍ୟନ୍ତ ସାହାସୀ ସମ୍ରାଟ୍ ଥିଲା। ଠିକ୍ ସେହିପରି ସ୍ୱପ୍ନ ଏକ ସାଧାରଣ ବ୍ୟକ୍ତି ମଧ୍ୟ ଦେଖିଲା ଯିଏ ସ୍ୱଳ୍ପବୋଧ ଓ ଭୀରୁ ତଥା କାପୁରୁଷ ଅଟେ । ସେହିପରି ଆଉ ଜଣେ ବ୍ୟକ୍ତି ଏକ ସ୍ୱପ୍ନ ଦେଖିଲା ଯାହାର ମର୍ଯ୍ୟାଦା ଏପରି ନଥିଲା । ସେ ସାଧାରଣ ବ୍ୟକ୍ତି ଥିଲା, ତା'ର ବୁଦ୍ଧି ମଧ୍ୟ ସ୍ୱଳ୍ପ ଥିଲା ଏବଂ ସେ ବୀର ଓ ସାହାସୀ ନଥିଲା ବରଂ ଭୀରୁ ବା କାପୁରୁଷ ଥିଲା ।

ସୁତରାଂ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ସମ୍ରାଟର ସ୍ୱପ୍ନ ଓ ସାଧାରଣ ବ୍ୟକ୍ତିର ସ୍ୱପ୍ନ ପ୍ରକାଶ୍ୟରେ ଏକାପରି । କିନ୍ତୁ ସମ୍ରାଟର ସ୍ୱପ୍ନ ସହିତ ସାଧାରଣ ବ୍ୟକ୍ତିର ସ୍ୱପ୍ନ ମିଶିଯାଏ । କିନ୍ତୁ ଚତୁର ଓ ସ୍ୱପ୍ନବିଦ୍ୟା ଜାଣିଥିବା ବ୍ୟକ୍ତି ନିକଟରେ ଏହି ପ୍ରସଙ୍ଗଟି ଏକାପରି ନୁହେଁ । ଚତୁର୍ ବ୍ୟକ୍ତି ଯିଏ ସ୍ୱପ୍ନ ବିଦ୍ୟା ସଂକ୍ରାନ୍ତରେ ଅବଗତ ଅଟେ, ସେ କହିବ ଏହା ଏକ ସ୍ୱପ୍ନ ନୁହେଁ । ବରଂ ନ୍ୟାୟପ୍ରିୟ ସମ୍ରାଟର ସ୍ୱପ୍ନ ଅତ୍ୟନ୍ତ ଉଚ୍ଚମାନର, ସାଧାରଣ, ହିତସାଧକ ସ୍ୱପ୍ନ ଏବଂ ସମସ୍ତ ଲୋକମାନଙ୍କ ସପକ୍ଷରେ କଲ୍ୟାଣ, ଶୁଭ, ଲାଭ ଓ ଅତ୍ୟନ୍ତ ସ୍ୱଷ୍ଟ ଅଟେ । ସେହି ସ୍ୱପ୍ନର ପରିସର ଅତ୍ୟନ୍ତ ବ୍ୟାପକ ଅଟେ । କିନ୍ତୁ ସାଧାରଣ ବ୍ୟକ୍ତିର ସ୍ୱପ୍ନ ଅନେକ ପରିସ୍ଥିତିରେ ଅପମିଶ୍ରଣ ଠାରୁ ପବିତ୍ର ନୁହେଁ । ଏତଦ୍‌ଭିନ୍ନ ଏହାର ପ୍ରଭାବ ସନ୍ତାନ ଓ ପିତା କିମ୍ବା ସ୍ୱଳ୍ପ ବନ୍ଧୁମାନଙ୍କ ଠାରୁ ଆଗକୁ ଅଗ୍ରସର ହୁଏ ନାହିଁ । ତା'ର ବଂଶର ପରିସର ଅତ୍ୟନ୍ତ ସୀମିତ ଅଟେ, ତା'ର ସନ୍ତାନ ସୀମିତ ସଂଖ୍ୟକ ଅଟନ୍ତି, ସୀମିତ ସଂଖ୍ୟକ ପିତୃ ପୁରୁଷ ଅଟନ୍ତି କିମ୍ବା ସୀମିତ ସଂଖ୍ୟକ ବନ୍ଧୁ ପରିଜନ ଅଟନ୍ତି । ସେହିମାନଙ୍କ ପର୍ଯ୍ୟନ୍ତ ସ୍ୱପ୍ନର ପରିସର ସୀମିତ ଅଟେ । ଉକ୍ତ ସାଧାରଣ ବ୍ୟକ୍ତି ଜଣକୁ ଯଦି କୌଣସି ବସ୍ତୁର ଲାଭ ମିଳିବ ତେବେ ତାହା ସେହିମାନଙ୍କ ପର୍ଯ୍ୟନ୍ତ ସୀମିତ ଅଟେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଯଦି ଅଣ ବଂଶୀ ବ୍ୟକ୍ତିମାନେ ବାହାନ ଉପରେ ଆରୋହଣ ହୋଇ ଯାଆନ୍ତି ତେବେ ସେମାନଙ୍କୁ ମଧ୍ୟ ଆରୋହଣ


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

କରିନିଅ । ଅର୍ଥାତ ଉକ୍ତ ସାଧାରଣ ବ୍ୟକ୍ତିର ସ୍ୱପ୍ନରେ ଅନ୍ୟମାନେ ମଧ୍ୟ ସାମିଲ୍ ହୋଇପାରିବେ। ଯିଦ ସେମାନେ ନିକଟବର୍ତ୍ତୀ ସ୍ଥାନରେ ଶିବିର ସ୍ଥାପନ କରିନିଅନ୍ତି, ତଥାପି ନିକଟବର୍ତ୍ତୀ ବ୍ୟକ୍ତି ସର୍ବଦା ନିକଟବର୍ତ୍ତୀ ହିଁ ହୋଇ ରହିବେ । ଏହାର ପ୍ରଭାବ ଯେଉଁ ପର୍ଯ୍ୟନ୍ତ ପଡ଼ିବ ସେହି ପରିବେଶକୁ ଜ୍ଞାତ ସେହି ପର୍ଯ୍ୟନ୍ତ ହିଁ ସୀମିତ ରଖିବ ଏବଂ ପାଲିଙ୍କିରୁ ଓହ୍ଲାଇ ସେମାନେ ଗୃହରେ ପ୍ରବେଶ କରିନିଅନ୍ତି । ଅର୍ଥାତ ଆପଣ ଅ.ସ ପ୍ରବାଦ ସ୍ୱରୂପ କହୁଛନ୍ତି ଯେ, ସେମାନେ ସୀମିତ ହୋଇଯାଆନ୍ତି। ସେମାନଙ୍କ ପହଞ୍ଚ ତଦନୁଯାୟୀ ହୋଇପାରିବ ନାହିଁ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ରଥ ଉପରେ ଆରୋହଣ ହୋଇଥିବା ଯାତ୍ରୀଙ୍କର ଅବସ୍ଥା ଏପରି ଅଟେ ଯେ, ସେହି ବ୍ୟକ୍ତିମାନେ ଜନବସିତର ପ୍ରତ୍ୟେକ ପରିଧିକୁ ଲଂଘନ କରିଥାନ୍ତି । ସେମାନେ ଅତ୍ୟନ୍ତ ବ୍ୟାପକ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଅଟନ୍ତି । ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ଧର୍ମଗ୍ରନ୍ଥ ଯେ, ଏହାର ପାଦ ଦେଶରେ  ପରିଚୟ, ବିଦ୍ୱତା ତଥା ବୁଦ୍ଧିମତାର ସାଗର ପ୍ରବାହିତ ହୋଇଥାଆନ୍ତି । ଅନ୍ୟ କୌଣସି ବାକ୍‌ଶକ୍ତି ବ୍ୟକ୍ତିର ପକ୍ଷୀ ତାହାଠୁ ଉର୍ଦ୍ଧ୍ୱରେ ଉଡ଼ି ପାରିବ ନାହିଁ । ଏହାଠୁ ଅଧିକ ବଖାଣ ଅନ୍ୟ କୌଣସି ବ୍ୟକ୍ତି ବର୍ଣ୍ଣନା କରିପାରିବ ନାହିଁ । ପୁଞ୍ଜିପତି ତା'ରି ରାଜକୋଷରୁ ଓ ତା'ରି ପୋତା ହୋଇଥିବା ଧନ ବା ନିଧିରୁ କିଛି ନେଇଥାଏ ଓ ମୋ ନିକଟରେ ପ୍ରତ୍ୟେକ ବକ୍ତା ଉକ୍ତ ଋଣରେ ଋଣଗ୍ରସ୍ତ ହେବା ବ୍ୟତୀତ ଶୂନ୍ୟହସ୍ତ ଅଟେ । ସେ ଯଦି ତହିଁରୁ ଲାଭାନ୍ୱିତ ହୋଇ ପାରିଲା ନାହିଁ ତେବେ କୌଣସି ବ୍ୟକ୍ତିର ବାଣୀ ସଠିକ୍ ହୋଇପାରିବ ନାହିଁ । ଋଣଗ୍ରସ୍ତ ବ୍ୟକ୍ତି ଠାରୁ ଏହା ହିଁ ଆଶା କରାଯାଇଥାଆନ୍ତା ଓ ଅତ୍ୟନ୍ତ କଠିନ ଉଦ୍ୟମ କରାଯାଇଥଆନ୍ତା ଯେ, ମାମଲାକୁ ବିଚାରପତି ପର୍ଯ୍ୟନ୍ତ ପହଞ୍ଚାଇ ଦେଇ ଉକ୍ତ ଋଣ ନେଇଥିବା ବ୍ୟକ୍ତି ଠାରୁ ଟଙ୍କା ଆଦାୟ କରାଯାଉ । କିନ୍ତୁ ପବିତ୍ର କୁରଆନ୍ କରୀମ୍ କେବଳ ଅଭାବି ବ୍ୟକ୍ତିମାନଙ୍କୁ ସତ୍ୟତା ପ୍ରଦାନ କରିଥାଏ ଓ ସମସ୍ତ ଅଭାବ ଏବଂ ଅସୁବିଧାକୁ କେବଳ ଯେ ଦୂର କରିଥାଏ ତାହା ନୁହେଁ ବରଂ ନୈଷ୍ଠିକ ବ୍ୟକ୍ତିମାନଙ୍କୁ ସ୍ୱର୍ଣ୍ଣ ଶାଖା (ଡାଳ) ପ୍ରଦାନ କରିଥାଏ ।"

ଅନ୍ୟ ଲୋକମାନେ ତ' ଋଣ ଗ୍ରହିତା ବ୍ୟକ୍ତିକୁ କୌଣସି ବସ୍ତୁ ଯଦି ଦେଇ ଦିଅନ୍ତ ତେବେ ସେମାନେ ଋଣଗ୍ରସ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମକଦ୍ଦମା କରିଥାଆନ୍ତି। କିନ୍ତୁ ପବିତ୍ର କୁରଆନ୍ କରୀମ୍ ତ' ଏପରି ଜ୍ଞାନ ପ୍ରଦାନ କରିଥାଏ ଯାହାର ଜ୍ଞାନ ଓ ପରିଚୟର  ଝରଣା ପ୍ରବାହିତ ହୋଇ ଚାଲିଥାଏ । ଏହି ଜ୍ଞାନର ସାଗର ଏହିପରି ଯେପରି ସ୍ୱର୍ଣ୍ଣ ଶାଖା ମିଳିଛି । ପବିତ୍ର କୁର୍‌ଆନ୍ କରୀମ୍ ନିଜର ଋଣଗ୍ରସ୍ତ ବ୍ୟକ୍ତିମାନଙ୍କୁ ସମୟ ଦେବାର ଉପକାର ପ୍ରଦର୍ଶନ କରେ ନାହିଁ । ବରଂ ସେମାନଙ୍କୁ ସ୍ୱର୍ଣ୍ଣ ଏକତ୍ରିତ କରିବାକୁ ଅନୁପ୍ରାଣିତ କରିଥାଏ ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆମେମାନେ ପ୍ରଥମ ପାତ୍ର ହେଲୁ ପୁନଶ୍ଚ"ପବିତ୍ର କୁରଆନ୍ କରୀମ୍‌ର ସାଗରରୁ ପରିପୂର୍ଣ୍ଣ ହେଲୁ ।" **(ଅଲ୍ ହୁଦା, ରହାନୀ ଖଜାଏନ୍, ଭାଗ-18, ପୃ275-278)** ତୁମେମାନେ ମୋର ଅବସ୍ଥା ସଂପର୍କରେ ପ୍ରଶ୍ନ କରୁଛ ? ମୁଁ ତ' ପ୍ରଥମେ ଏକ ପିଆଲା ପାତ୍ର ହେଲି ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ସାଗରର ଜଳରାଶିରୁ ମୁଁ ସ୍ୱୟଂକୁ ଭର୍ତ୍ତି (ପରିପୂର୍ଣ୍ଣ) କଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଆରବୀ ଭାଷାର ନିଜସ୍ୱ ଶୈଳୀ ଅଟେ । ତେଣୁ ଅନୁବାଦ ଏହିପରି ହୋଇଛି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋ ନିକଟରେ ପ୍ରଭୁଙ୍କର ଅଭିଶାପ ସେହି ବ୍ୟକ୍ତି ଉପରେ ପଡ଼ିଥାଏ ଯିଏ ପବିତ୍ର କୁରଆନ୍ କରୀମ୍‌ର ଚମତ୍କାରକୁ ଦେଖି ଏହାକୁ ପ୍ରତ୍ୟାଖ୍ୟାନ କରେ ଓ ନିଜର ବାଣୀ ତଥା ବ୍ୟବସ୍ଥାକୁ ଉତ୍କୃଷ୍ଟ ବସ୍ତୁ ବୋଲି ମନେକରେ । ତେବେ ସେପରିପ୍ରେକ୍ଷୀରେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ତ" ସେହି ଝରଣାରୁ ଜଳ ପାନ କଲୁ ଓ ତା'ରି ସୌନ୍ଦର୍ଯ୍ୟରୁ ନିଜକୁ ସଜ୍ଜିତ କରିଥାଉ । ସେହି କାରଣରୁ ଆମ କଥନରେ ଆଲୋକ ଓ ଶୁଦ୍ଧତା ହୋଇଥାଏ, ଆମ୍ଭର କଥନରେ ଆଲୋକ, ନିର୍ମଳତା, ସଦ୍ୟତମତା, ସୌନ୍ଦର୍ଯ୍ୟତା ଦୀପ୍ତିମାନ ହୋଇଥାଏ ମୋ ଉପରେ ପବିତ୍ର କରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉପକାର କରି ନାହିଁ । ପବିତ୍ର କୁରଆନ୍ କରୀମ୍ ଯେପରି ମୋର ଲାଳନ ପାଳନ କରିଛି ସେପରି ପିତାମାତାମାନେ ମଧ୍ୟ ଲାଳନ ପାଳନ କରିବେ ନାହିଁ । ପ୍ରଭୁ ମୋତେ ପବିତ୍ର କୁରଆନ୍ କରୀମ୍‌ରୁ ସୁଗନ୍ଧିତ ଜଳପାନ କରାଇଲେ ଓ ମୁଁ ପ୍ରଭୁଙ୍କୁ ଦୀପ୍ତିମନ୍ତକାରୀ ଏବଂ ସହାୟକ ରୂପେ ପାଇଲି ।" **(ଅଲ୍ ହୁଦା, ରୁହାନୀ ଖଜାଏନ୍, ଭାଗ-18, ପୃ-279)**

ହ. ମସିହ୍ ମଉଦ୍ ଅ.ସ କହିଲେ, ଯଦି ମୋ ସହିତ କୌଣସି ନିଦର୍ଶନ ଓ ସମର୍ଥନ ଅନ୍ତର୍ଭୁକ୍ତ ହୋଇ ନଥାଆନ୍ତା, ମୁଁ ଯଦି କୁରଆନ୍‌କୁ ବାଦ୍ ଦେଇ ଅନ୍ୟ ଏକ ମାର୍ଗ ଆପଣାଇ ବସନ୍ତି ଅବା ଅନ୍ୟ କୌଣସି ପ୍ରସଙ୍ଗ କିମ୍ବା ତହିଁରୁ ଅର୍ଥାତ କୁରଆନ୍‌ରୁ କୌଣସି ପ୍ରସଙ୍ଗକୁ ବାଦ୍ ଦେଇଥାଆନ୍ତି କିମ୍ବା ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ପୃଥକ ହୋଇ ଅନ୍ୟ ଏକ ମାର୍ଗ ଆପଣାଇ ଥାଆନ୍ତି ତେବେ ଲୋକମାନଙ୍କର ଏହି ଅଧିକାର ଥିଲା କି ସେମାନେ ମୋ ଉପରେ ଆପତ୍ତି କରିପାରି ଥାଆନ୍ତେ ଯେ, ଆରେ ଉକ୍ତ ବ୍ୟକ୍ତି ଜଣକ ରସୁଲୁଲ୍ଲାଃ ସ.ଅଙ୍କର ଶତ୍ରୁ ଏବଂ ପବିତ୍ର କୁରଆନ୍‌ର ଶତ୍ରୁ ଅଟେ । ମୁଁ ଯଦି ଆଁହଜରତ ସ.ଅ ଓ ପବିତ୍ର କୁରଆନ୍ କରୀମର ଆଦେଶାବଳୀ ବହିର୍ଭୂତ ଏପରି କୌଣସି କଥା କହିଥାଆନ୍ତି ତେବେ ନିଃସନ୍ଦେହ ତୁମେମାନେ କହି ଦିଅନ୍ତ କି ମୁଁ ପାପୀ, ଦୁରାଚାରୀ, ବିଧର୍ମୀ ବ୍ୟକ୍ତି ଅଟେ । କିନ୍ତୁ ମୁଁ ଯେତେବେଳେ ପବିତ୍ର କୁରଆନ୍‌ରେ କୌଣସି ପରିବର୍ତ୍ତନ କରି ନାହିଁ ଓ ନା ହିଁ ମୁଁ ପୂର୍ବ ଧର୍ମ ବିଧାନ ଯାହାକୁ ଆଁହଜରତ ସ.ଅ ଆଣିଥିଲେ ତହିଁରେ ବିନ୍ଦୁଟିଏ ପରିବର୍ତ୍ତନ କରିଛି ? ବରଂ ମୁଁ କୁରଆନ୍ ଓ କୁରଆନୀୟ ଆଦେଶାବଳୀ ତଥା ଆଁହଜରତ ସ.ଅଙ୍କର ପବିତ୍ର ଧର୍ମର ସେବା ନିମନ୍ତେ ଅଣ୍ଟା ଭିଡ଼ିଛି । ଏହି ମାର୍ଗରେ ମୁଁ ନିଜର ପ୍ରାଣକୁ ମଧ୍ୟ ଉତ୍ସର୍ଗ କରିଦେଇଅଛି । ମୋର ଏହି ପୂର୍ଣ୍ଣ ବିଶ୍ୱାସ ରିହିଛି ଯେ,  ପବିତ୍ର କୁରାଆନ୍ କରୀମ୍ ଯେକି ପୂର୍ଣ୍ଣାଙ୍ଗ ଚୂଡ଼ାନ୍ତ ସମ୍ବଳିତ ଧର୍ମଗ୍ରନ୍ଥ ଅଟେ ଓ ଏହାର ପୂର୍ଣ୍ଣ ଆଜ୍ଞା ପାଳ କରିବା ବ୍ୟତୀରେକ ଓ ଆଁହଜରତ ସ.ଅଙ୍କ ଆଦେଶ ପାଳନ ବ୍ୟତୀତ ମୋକ୍ଷ ପ୍ରାପ୍ତି କରିବା କଦାପି ସମ୍ଭବପର ନୁହେଁ ।

ପବିତ୍ର କୁରଆନ୍ କରୀମ୍‌ରେ ନ୍ୟୁନାଧିକକାରୀ ବ୍ୟକ୍ତିମାନେ ଆଁହଜରତ ସ.ଅଙ୍କ ଆଜ୍ଞାପାଳନର ଯେଉଁ ହଳ ଲଙ୍ଗଳ  ନିଜ ବେକରୁ ଓହ୍ଲାଇଦେଲେ ସେଭଳି ବ୍ୟକ୍ତିମାନଙ୍କୁ ମୁଁ ବିଧର୍ମୀ ଓ ଅବିଶ୍ୱାସକାରୀ ବୋଲି ବିଶ୍ୱାସ କରୁଛି । ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କର ଆଜ୍ଞାକାରୀତ୍ୱତାରୁ ବାହାରିଯାଏ, ଆଜ୍ଞା ପାଳନ କରିବାକୁ ପ୍ରତ୍ୟାଖ୍ୟାନ କରେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ଅବିଶ୍ୱାସକାରୀ ଓ ବିଧର୍ମୀ ବ୍ୟକ୍ତି ଅଟେ ।" ହୁଜୁର ଅ.ସ କୁହନ୍ତି ଏସବୁ ସତ୍ତ୍ୱେ ମୋର ସତ୍ୟତାର ହଜାର ହଜାର ନିଦର୍ଶନ ଅଲ୍ଲାଃତାଲା ଦେଖାଇଲେ, ଆଁହଜରତ ସ.ଅଙ୍କର ଭବିଷ୍ୟତବାଣୀ ମଧ୍ୟ ମସିହ୍ ମଉଦ୍ ସପକ୍ଷରେ ପୂର୍ଣ୍ଣ ହେଲା, କୁରଆନୀୟ ଭବିଷ୍ୟତବାଣୀ ମଧ୍ୟ ପୂର୍ଣ୍ଣ ହେଲା ସ୍ୱୟଂ ଆପଣ ଅ.ସଙ୍କୁ ଅଲ୍ଲାଃତାଲା ଭବିଷ୍ୟତବାଣୀ ମଧ୍ୟ ପ୍ରଦାନ କଲେ ତାହା ନିଦର୍ଶନ ଆକାରରେ ପୂର୍ଣ୍ଣ ହେଲା ଏବଂ ହେଉଅଛି ।

ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆଜି ପର୍ଯ୍ୟନ୍ତ ମୋର ସମର୍ଥନରେ ଯେଉଁସବୁ ଆକାଶୀୟ ନିଦର୍ଶନ ପ୍ରକାଶିତ କଲେ, ପୁନଶ୍ଚ ଯେଉଁ ବ୍ୟକ୍ତି ମୋତେ ମିଥ୍ୟାବାଦୀ, ଆରୋପକ ଓ ପ୍ରବଞ୍ଚକ ବୋଲି ଅଭିହିତ କରେ କିମ୍ବା ଯିଏ ମୋତେ ଖାତିର୍ କରେ ନାହିଁ ଓ ମୋର ସ୍ୱର ପ୍ରତି କର୍ଣ୍ଣପାତ କରେ ନାହିଁ । ତେବେ ନିଃସନ୍ଦେହ ରୂପେ ଜାଣିନିଅ ଯେ, ପ୍ରଭୁ ତା'କୁ ଦଣ୍ଡ ନଦେବା ପର୍ଯ୍ୟନ୍ତ କଦାପି ଛାଡ଼ିବେ ନାହିଁ।" **(ମଲ୍‌ଫୁଜାତ୍, ବାଗ-10, ପୃ-308-309, ପ୍ରକାଶନ ବର୍ଷ-1984 ମସିହା)** ଦିନେ ନା ଦିନେ ପ୍ରଭୁ ତା'କୁ ଅବଶ୍ୟ ଦଣ୍ଡିତ କରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଦାବି ରହିଛି, ଯାହା ଉପରେ ଆମର ଏହି ବିଶ୍ୱାସ ରଖୁଛୁ ଯେ, ଆପଣ ଅ.ସଙ୍କ ମାଧ୍ୟମରେ ହିଁ କୁରଆନ୍ କରୀମ୍‌ର ଜ୍ଞାନ ଆମ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଆଦେଶ ପାଳନ କରିଛନ୍ତି ଓ ଆମମାନଙ୍କୁ ପବିତ୍ର କୁରଆନ୍ କୀରମ୍‌ର ପ୍ରକୃତ ଜ୍ଞାନ ପ୍ରଦାନ କରିଛନ୍ତି । ସେହି ଲୋକମାନଙ୍କୁ ଚିନ୍ତା କରିବା ଉଚିତ ଯେଉଁମାନେ ଆପଣ ଅ.ସଙ୍କ ଉପରେ ଓ ଜମାଅତ୍ ଉପରେ ଆରୋପ ଲଗାଉଛନ୍ତି ଯେ, **ନାଉଜୁବିଲ୍ଲାଃ** (ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରୁଛୁ) ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛୁ । ହ. ମସିହ୍ ମଉଦ୍ ଅ.ସ ହେଉଛନ୍ତି ଈଶ୍ୱରଙ୍କ ଦ୍ୱାରା ଆନୀତ ଅବତାର ଏହା ଏହା ହେଉଛି ଆପଣ ଅ.ସଙ୍କର କଥନ । ଏହି ଲୋକମାନେ ଯେଉଁମାନେ ନିଜର ହଠ ଧର୍ମୀତାରୁ ଯଦି ନିବୃତ୍ତ ନହୁଅନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଦଣ୍ଡିତ ନକରି କଦାପି ମୁକ୍ତି ପ୍ରଦାନ କରିବେ ନାହିଁ । ସେ ସେମାନଙ୍କୁ କିପରି ଦଣ୍ଡିତ କରିବେ ତଥା ଶାସ୍ତି

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଦେବେ ତାହା ସେ ଖୁବ ଭଲ ଭାବରେ ଜାଣନ୍ତି ।

ହୁଜୁର ଅନ୍‌ୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କର ଲେଖନୀରୁ କୁରଆନ୍ କରୀମ୍‌ର ନ୍ୟାୟ ପ୍ରଦାନ କରିବା ସଂକ୍ରାନ୍ତରେ ଯେଉଁ ଆଦେଶାବଳୀ ଓ ଉଚ୍ଚ ଶିକ୍ଷା ରହିଛି ତାହା ଉପରେ ଆଲୋକପାତ କଲେ ଏବଂ କହିଲେ, "ଯେଉଁ ଜାତି ଅନ୍ୟାୟ ବଶତଃ ଅନ୍ୟକୁ ହଇରାଣ ହରକତ କରେ ଓ ଅନ୍ୟକୁ ଦୁଃଖ ଯନ୍ତ୍ରଣା ଦିଏ, ରକ୍ତପାତ କରେ, ପିଛା କରେ, ପିଲା ଓ ମହିଳାମାନଙ୍କୁ ହତ୍ୟା କରେ । ଯେପରି ଅବିଶ୍ୱାସକାରୀ ମକ୍କାବାସୀମାନେ କରିଥିଲେ ଓ ଅନ୍ୟାୟକାରୀ ଜାତି ଯଦି ତହିଁରୁ ନିବୃତ୍ତ ନହୁଅନ୍ତି ତେବେ ଏପରି ଲୋକମାନଙ୍କ ସହିତ ନ୍ୟାୟର ସହିତ ବ୍ୟବହାର ପ୍ରଦର୍ଶନ କରିବା କେଡ଼େ କାଠିକର ପାଠ କାର୍ଯ୍ୟ ଅଟେ ?" ଲୋକମାନେ ଏତେ ଅତ୍ୟାଚାର କରୁଛନ୍ତି । ତଥାପି ସେମାନଙ୍କ ସହିତ ସଦ୍‌ବ୍ୟବହାର ଓ ସେମାନଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନ କରିବା ନିମନ୍ତେ ଶିକ୍ଷା ରହିଛି । କିନ୍ତୁ ଏହା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଏପରି ପ୍ରାଣର ଶତ୍ରୁ ବ୍ୟକ୍ତିର ଅଧିକାରକୁ ମଧ କ୍ଷୁର୍ଣ୍ଣ କରି ନାହିଁ ଓ ନ୍ୟାୟପ୍ରିୟ ତଥା ସତ୍ୟବାଦୀ ହେବା ନିମନ୍ତେ ଓସିୟତ୍ କରିଛି ।" **(ନୁରୁଲ୍ କୁରଆନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଭାଗ-9, ପୃ-409)**

ପବିତ୍ର କୁରଆନ୍ ଏହି ନୀତି ହିଁ ସମାଜ ଓ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବାର ଏକମାତ୍ର ମହାମନ୍ତ୍ର (ଅର୍ଥାତ ପ୍ରକୃତ ଓ ଏକମାତ୍ର ପନ୍ଥା) । ଯଦି ଆଜି ସାଂସାର ଯୁଦ୍ଧରେ ଲିପ୍ତ ଜାତିମାନେ ଉକ୍ତ ନୀତିକୁ ଯଦି ବୁଝି ନିଅନ୍ତି ତେବେ ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଧ୍ୟ ପ୍ରତିଷ୍ଠା ହୋଇପାରିବ । ଅନ୍ୟଥା ଯେଉଁ ପରିସ୍ଥିତି ସୃଷ୍ଟି ହେଉଛି ତାହା ଅତ୍ୟନ୍ତ ଭୟଙ୍କର ବିନାଶ ଅଭିମୁଖେ ଅଗ୍ରସର କରାଉଛି । ସେ ପଛେ ଗୋଟିଏ ରାଷ୍ଟ୍ରର ଉଦ୍ୟମ ହେଉ କିମ୍ବା ଅନ୍ୟ ରାଷ୍ଟ୍ରର ପ୍ରୟାସ । ଗୋଟିଏ ରାଷ୍ଟ୍ରକୁ ରାଷ୍ଟ୍ରନେତାମାନେ ଯାଆନ୍ତୁ କିମ୍ବା ଅନ୍ୟ ରାଷ୍ଟ୍ରକୁ ଯାଆନ୍ତୁ । ଚୀନ୍‌କୁ ଯାଆନ୍ତୁ କିମ୍ବା ଅନ୍ୟ କେଉଁଠାକୁ ଯାଆନ୍ତୁ ଯଦି ବିକାଶଶୀଳ ରାଷ୍ଟ୍ରମାନେ ନ୍ୟାୟ ସ୍ଥାପନ କରିବେ ନାହିଁ ତେବେ ପୃଥିବୀର ବିନାଶ ଅବଶ୍ୟାମ୍ଭୀ ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆଉ ଏକ ଉଦାହରଣରେ ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ଯୁଗ ଉପରେ ଯଦି କୌଣସି ବ୍ୟକ୍ତି ଦୃଷ୍ଟିପାତ କରେ ଯେ, ସଂସାରରେ ପତ୍ନୀମାନଙ୍କର ସଂଖ୍ୟା କେଉଁ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଲୋକମାନଙ୍କ ନିକଟରେ କେତେ ସଂଖ୍ୟାରେ ପତ୍ନୀ ରହୁଥିଲେ । ଅର୍ଥାତ -୪୦-୫୦ ସଂଖ୍ୟକ ପତ୍ନୀ ରହୁଥିଲେ । ନାରୀମାନଙ୍କ ପ୍ରତି କିପରି କ୍ରୁରତା ଓ ଅନ୍ୟାୟମୂଳକ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିଲା, ସେମାନଙ୍କ ଉପରେ କେତେ ଅକଥୀନୟ ଅତ୍ୟାଚାର ହେଉଥିଲା ଓ ନିର୍ଯାତନା ଦିଆଯାଉଥିଲା। ତେଣୁ ବ୍ୟକ୍ତିକୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ପବିତ୍ର କୁରଆନ୍ କରୀମ୍ ସଂସାରବାସୀଙ୍କ ଉପରେ ଏହି ମହୋପକାର କଲା ଯେ, ସେହି ସମସ୍ତ ସୀମା ଲଂଘନ ଓ ସୀମା ଲଂଘନକାରୀକୁ ସମାପ୍ତ କରିଦେଲା।" **(ଆର୍ଯ୍ୟ ଧର୍ମ, ରୁହାନୀ ଖଜାଏନ୍, ଭାଗ-10, ପୃ-45)**

ଅଲ୍ଲାଃତାଲାଙ୍କର ଏହି ଉପକାର, ପବିତ୍ର କୁରଆନ୍ କରୀମ୍‌ର ଏହା ଉପକାର ଯେ, କୁରଆନ୍ କରୀମ୍‌ର ଶିକ୍ଷା ମାଧ୍ୟମରେ ଅଲ୍ଲାଃତାଲା ସମସ୍ତ ଭ୍ରମାତ୍ମକ ପ୍ରସଙ୍ଗକୁ ସମାପ୍ତ କରିଦେଲେ । ପୁରାତନ ଯୁଗରେ ମହିଳାମାନଙ୍କର କୌଣସି ସମ୍ମାନ ନଥିଲା । ବିବାହର କୌଣସି ସୀମା ନଥିଲା, ନାରୀମାନଙ୍କର କୌଣସି ଅଧିକାର ନଥିଲା । ଏହି ସମସ୍ତ ପ୍ରସଙ୍ଗ ଓ ଅଧିକାର ପବିତ୍ର କୁରଆନ୍ କରୀମ୍ ହିଁ ପ୍ରଦାନ କଲା ଓ ଇସ୍‌ଲାମ୍ ଧର୍ମ ପୂର୍ବରୁ ଏହାର କୌଣସି କଳ୍ପନା ମଧ ନଥିଲା ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ କେବଳ ଶ୍ରୁତ୍ୟ ସୀମା ପର୍ଯ୍ୟନ୍ତ ସୀମିତ ନୁହେଁ । କାରଣ ତହିଁରେ ମନୁଷ୍ୟମାନଙ୍କୁ ବୁଝାଇବା ନିମନ୍ତେ ବଡ଼ ବଡ଼ ଯୌକ୍ତିକପୂର୍ଣ୍ଣ ପ୍ରମାଣ ରହିଛି ଓ ପବିତ୍ର କୁରଆନ୍ କରୀମ୍ ଯେଭଳି ଭାବରେ ବିଶ୍ୱାସ, ଆସ୍ଥା, ନୀତି ଓ ଆଦେଶାବଳୀ ଉପସ୍ଥାପିତ କରିଛି । ତନ୍ମଧ୍ୟରୁ ଏପରି କୌଣସି ପ୍ରସଙ୍ଗ ନାହିଁ ଯହିଁରେ ବଳପୂର୍ବକ ଆଦେଶ ଥିବ । ପବିତ୍ର କୁରଆନ୍ କରୀମ୍‌ରେ ବଳପୂର୍ବକ କୌଣସି ଆଦେଶାବଳୀ ନାହିଁ ।"

ଆପଣ ଅ.ସ କହିଲେ لَآ إِكْرَاهَ فِي ٱلدِّينِ **(ଅଲ୍ ବକ୍‌ରାହ୍: 257)** ଅର୍ଥାତ୍ ଧର୍ମ ସଂକ୍ରାନ୍ତୀୟ ପ୍ରସଙ୍ଗରେ କୌଣସି ବାଧ୍ ବାଧକତା ନାହିଁ । ଅର୍ଥାତ କୌଣସି ପ୍ରସଙ୍ଗକୁ ଜୋର ଜବରଦସ୍ତ ଓ ବଳପୂର୍ବକ ସ୍ୱୀକାର କରାଇବା ଅନୁଚିତ୍ ଅଟେ। ସୁତରାଂ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ କଥାର ପ୍ରମାଣ ଉପସ୍ଥାପିତ କରିଥାଏ। **(ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନୀ ଖଜାଏନ୍, ଭାଗ10, ପୃ-433)** ପବିତ୍ର କୁରଆନ୍ କରୀମ ପ୍ରମାଣ ସବୁ ଉପସ୍ଥାପିତ କରି ନିଜ ସମ୍ମୁଖରେ ରଖିଥାଏ ଓ ଏହାକୁ ସ୍ୱୀକାର କରିଥିବା ବ୍ୟକ୍ତିମାନଙ୍କ ଆଡ଼କୁ ଜ୍ୱଳନ୍ତ ପ୍ରାମାଣ୍ୟ ଉପସ୍ଥାପିତ କରିଥାଏ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ପବିତ୍ର କୁରଆନ୍ କରୀମର ପୂର୍ଣ୍ଣାଙ୍ଗ ଶିକ୍ଷା ସଂପର୍କରେ ଘୋଷଣା କରି ସଂସାରାବାସଙ୍କୁ ଚ୍ୟାଲେଞ୍ଜ ଦେଇ କୁହନ୍ତି: "ଆମର ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଯେକି ଅନ୍ତର୍ଯମୀ ଅଟନ୍ତି ସେ ଏକଥାର ସାକ୍ଷୀ ଅଟନ୍ତି ଯେ, ଯଦି କୌଣସି ବ୍ୟକ୍ତି ହଜାର ଭାଗରୁ କାଣୀଟିଏ ଭାଗ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାରେ କୌଣସି ତ୍ରୁଟି, ଖୁଣ କାଢିଦିଏ କିମ୍ବା ଏହାର ବିପକ୍ଷରେ ନିଜର କୌଣସି ପୁସ୍ତକର କାଣୀଟିଏ କୌଣସି ବିଶେଷତା ସାବ୍ୟସ୍ତ କରିଦିଏ, ଯଦି ପବିତ୍ର କୁରଆନ୍ ବିପରୀତ କୌଣସି ସତ୍ୟତା ଯାହାକି ଉକ୍ତ ଗ୍ରନ୍ଥରେ ଉଲ୍ଲେଖ ନାହିଁ କେହି ଉପସ୍ଥାପିତ କରିଦିଏ ଅବା ଏହାଠୁ ବି ଉତ୍କୃଷ୍ଟ କଥନ ମୋ ସମ୍ମୁଖରେ ଉପସ୍ଥାପିତ କରିଦିଏ ତେବେ ସେପରିପ୍ରେକ୍ଷୀରେ ମୁଁ ଆନନ୍ଦ ସହକାରେ ମୃତ୍ୟୁଦଣ୍ଡ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି ।" **(ବରାହିନେ ଅହେମଦିୟା, ଭାଗ-3, ରୁହାନୀ ଖଜାଏନ୍, ଭାଗ-1. ପୃ-298ର ଅବଶିଷ୍ଟାଂଶ ବି.ଦ୍ରର ବି.ଦ୍ର ସଂଖ୍ୟା-2)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯଦି କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖେ ଓ ପୁନଶ୍ଚ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାର କରେ ଯେ, ପ୍ରଭୁ କୁରଆନ୍‌ରେ କ'ଣ ସବୁ ବର୍ଣ୍ଣନା କରିଛନ୍ତି ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତି ଜଣକ ପାଗଳପ୍ରାୟ ହୋଇ ସଂସାରକୁ ପରିତ୍ୟାଗ କରିଦେବ ଓ ପ୍ରଭୁଙ୍କର ହୋଇଯିବ ।" **(ମଲ୍‌ଫୁଜାତ୍, ଭାଗ-7, ପୃ-28, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ କୁହନ୍ତି: "ଯଦି ବିଶ୍ୱାସ ପୂର୍ଣ୍ଣ ଥାଏ ଓ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାର କର ତେବେ ପୁନଶ୍ଚ ସାଂସାରିକତା ବଦଳରେ ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟେକ ସମୟରେ ଧ୍ୟାନ କେନ୍ଦ୍ରିତ ହେବା ଉଚିତ୍ ।"

ଆପଣ ଅ.ସ କୁହନ୍ତି: "ଆଜି କୁରଆନ୍ ହିଁ ସମଗ୍ର ବିଶ୍ୱରେ ସମସ୍ତ ଐଶୀବାଣୀମୂଳକ ଧର୍ମଗ୍ରନ୍ଥ ମଧ୍ୟରୁ ପବିତ୍ର କୁରଆନ୍ କରୀମ୍ ହିଁ ଏକମାତ୍ର ଧର୍ମଗ୍ରନ୍ଥ ଯାହାର ବାଣୀ ଐଶୀବାଣୀ ସମ୍ବଳିତ ଅଟେ ଏବଂ ଏହା ବଳିଷ୍ଠ ପ୍ରମାଣ ଦ୍ୱାରା ସାବ୍ୟସ୍ତ ଅଟେ ।

ପବିତ୍ର କୁରଆନ୍ କରୀମ୍‌ର ନୀତି ନିୟମ ମୋକ୍ଷର ସଂପୂର୍ଣ୍ଣ ରୂପେ ସିଧା ସଳଖ ଏବଂ ସ୍ୱଭାବ ଶୈଳୀ ଉପରେ ଆଧାରିତ ଅଟେ । ଅର୍ଥାତ ମୋକ୍ଷର ଯେଉଁ ନୀତି ରହିଛି ସେହି ସ୍ୱଭାବ ଶୈଳୀ ଉପରେ ହିଁ ପ୍ରତିଷ୍ଠିତ ଅଟେ । ମୋକ୍ଷର ଯେଉଁ ଆସ୍ଥା ରହିଛି ଏବଂ ବଳିଷ୍ଠ ପ୍ରମାଣ ରହିଛି ସେହି ସତ୍ୟତା ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରନ୍ତି, ଯାହାର ଆଦେଶାବଳୀହଗୁଡ଼ିକ ସତ୍ୟାଧାରିତ, ଯାହାର ଶିକ୍ଷା ପ୍ରତ୍ୟେକ ପ୍ରକାରର ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ମିଶ୍ରଣ, ବିଦଅତ୍ (ନୂତନ ଆହୃତ ରୀତି) ଓ ମନୁଷ୍ୟ ଉପାସନା ଠାରୁ ସଂପୂର୍ଣ୍ଣ ରୂପେ ପବିତ୍ର ଅଟନ୍ତି। ଯହିଁରେ ଏକେଶ୍ୱରବାଦ ଓ ଈଶ୍ୱରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ, ଈଶ୍ୱରଙ୍କ ଅପୂର୍ବ ଲୀଳା, ମହିମା, ମର୍ଯ୍ୟାଦୀ ପ୍ରକଟିତ କରିବା ନିମନ୍ତେ ଅତ୍ୟନ୍ତ ଉତ୍ସାହ ରହିଛି, ଯହିଁରେ ଏହି ବିଶେଷତା ରହିଛି ଯେ, ଏହା ସଂପୂର୍ଣ୍ଣ ରୂପେ ଏକେଶ୍ୱରବାଦ, ଈଶ୍ୱରଙ୍କ ସାମୀପ୍ୟତା ଦ୍ୱାରା ପରିପୂର୍ଣ୍ଣ ଅଟେ ।

ପବିତ୍ର କୁରଆନ୍ କରୀମ୍ ହେଉଛି ଏକମାତ୍ର ଧର୍ମଗ୍ରନ୍ଥ ଯହିଁରେ ଏକେଶ୍ୱରବାଦ ଓ ଈଶ୍ୱରଙ୍କ ମର୍ଯ୍ୟାଦାର ଅନନ୍ୟ ଉଦାହରଣ ମହଜୁଦ୍ ରହିଛି । କୁରଆନ୍ ପ୍ରଭୁଙ୍କ ଉପରେ କୌଣସି ଦୋଷାରୋପ କରେ ନାହିଁ ବା ପ୍ରଭୁଙ୍କର କୌଣସି ଖୁଣ ଦର୍ଶାଏ ନାହିଁ ଏବଂ ଜୋର ଜବରଦସ୍ତ କୌଣସି ଶିକ୍ଷାକୁ ଗ୍ରହଣ କରିବାକୁ ବାଧ କରେ ନାହିଁ। ପବିତ୍ର କୁରଆନ୍ କରୀମ୍ ଯେଉଁ ଶିକ୍ଷା ପ୍ରଦାନ କରେ ତା'ର ସତ୍ୟତାର କାରଣ ପ୍ରଥମେ ଦର୍ଶାଇଥାଏ ଓ ପ୍ରତ୍ୟେକ ଅର୍ଥ ଏବଂ ଅଭିପ୍ରାୟକୁ ସପ୍ରମାଣେ ସାବ୍ୟସ୍ତ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday- 30 NOVEMBER 2023 Issue No.-48

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ମଧ୍ୟ କରିଥାଏ । ପ୍ରତ୍ୟେକ ନୀତିର ସତ୍ୟତା ଉପରେ ସ୍ପଷ୍ଟ ପ୍ରମାଣ ବର୍ଣ୍ଣନା କରି ବିଶ୍ୱାସର ସ୍ତରକୁ ପୂର୍ଣ୍ଣ ଓ ପୂର୍ଣ୍ଣ ପରିଚୟ ପର୍ଯ୍ୟନ୍ତ ଉପନୀତ କରାଇଥାଏ । ବରଂ ଲୋକମାନଙ୍କର ଆଚରଣ ଓ ଉଚ୍ଚାରଣ ମଧ୍ୟରେ ଯେଉଁ ତାରତମ୍ୟତା ରହିଛି ତାହାର ସଂଶୋଧନ ମଧ୍ୟ କରିଥାଏ ଏବଂ ପ୍ରତ୍ୟେକ ଉପଦ୍ରବର ପ୍ରତିରୋଧ ଏଭଳି ସୁନ୍ଦର ଢଙ୍ଗରେ କରିଥାଏ ଯଦ୍ୱାରାକି ତାହା ଅତି ସହଜେ ପରିବ୍ୟାପ୍ତ ହୋଇଥାଏ। ଏହା ନୁହେଁ ଯେ, ଏକ ଯୁଗରେ ଉପଦ୍ରବ, ହିଂସାକୁ ଦୂରୀଭୂତ କରିଦେଲା ଏବଂ ଅନ୍ୟ ଯୁଗରେ ଦୂର କରିପାରିଲା ନାହିଁ । ବରଂ ପ୍ରତ୍ୟେକ ପ୍ରକାରର ଉପଦ୍ରବର ସେହି ବଳ ମାଧ୍ୟମରେ ଆତ୍ମରକ୍ଷା ମଧ୍ୟ ସେହିଠାରୁ କରିଥାଏ । ତାହାର ଉପଚାର ମଧ୍ୟ ମିଳିଥାଏ ଓ ତା' ଉପଚାରର ବିଘଟନ ବ୍ୟବସ୍ଥା ମଧ୍ୟ କରିଥାଏ । ପବିତ୍ର କୁରାନ୍ କରୀମ୍‌ର ଶିକ୍ଷା ଅତ୍ୟନ୍ତ ସଳଖ ଓ  ଶକ୍ତିଶାଳୀ ଏବଂ ଔଚିତ୍ୟମୂଳକ ଶିକ୍ଷା ଅଟେ । ଅର୍ଥାତ ପ୍ରାକୃତିକ ଆଦେଶାବଳୀର ଏକ ସାକ୍ଷାତ୍ ଦର୍ପଣ ଅଟେ। ସ୍ୱଭାବିକ ନିୟମାବଳୀର ଏକ ନିଚ୍ଛକ ପ୍ରତିବିମ୍ବ ଅଟେ । ହୃଦୟର ଦୃଷ୍ଟିଶକ୍ତି, ହୃଦୟର ଚାକ୍ଷୁଷିକତା ସକାଶେ ଏକ ଦିବାକର ପରି ଜାଜ୍ୱଲ୍ୟମାନ, ଦୀପ୍ତିମନ୍ତ, ଶୋଭାବର୍ଦ୍ଧନକାରୀ ଗ୍ରନ୍ଥ ଅଟେ । ପବିତ୍ର କୁରଆନ୍ କରୀମ୍ ବୁଦ୍ଧିର ସକଳ ପକ୍ଷକୁ ବିସ୍ତାରିତକାରୀ ଗ୍ରନ୍ଥ ଓ ବ୍ୟକ୍ତିକୁ କ୍ଷତି ସହ୍ୟ କରିବାରୁ ରୋକିଥାଏ । ଅର୍ଥାତ ତା'ର କ୍ଷତିପୂରଣ ମଧ୍ୟ କରିଥାଏ **(ବରାହିନେ ଅହେମଦିୟା, ଭାଗ-2, ରୁହାନୀ ଖଜାଏନ୍ ଭାଗ-1, ପୃ-81-82)**

ଅର୍ଥାତ ବୌଦ୍ଧିକମୟ ଯେଉଁ ପ୍ରସଙ୍ଗ ସଂକ୍ଷିପ୍ତ ରୂପରେ ଥାଏ ପବିତ୍ର କୁରଆନ୍ କରୀମ୍ ସେଗୁଡ଼ିକୁ ବିସ୍ତୃତ ରୂପେ ବର୍ଣ୍ଣନା କରିଥାଏ ଓ କ୍ଷତିପୂରଣ ମଧ୍ୟ କରିଥାଏ। ଅଲ୍ଲାଃତାଲା ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌କୁ ସଠିକ୍ ରୂପେ ପାଠ କରିବା ନିମନ୍ତେ ଓ ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜର କାର୍ଯ୍ୟାନୁସରଣାତ୍ମକ ବା ବ୍ୟବହାରିକ ଜୀବନକୁ ତଦନୁଯାୟୀ ଶୃଙ୍ଖଳିତ ତଥା ପରିମାର୍ଜିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମେମାନେ ରମ୍‌ଜାନ୍ ମାସରେ ଯେପରି ଲାଭାନ୍ୱିତ ହେଉଥିଲୁ ଠିକ୍ ସେହିପରି ରମଜାନ ମାସ ପରେ ମଧ୍ୟ ଲାଭାନ୍ୱିତ ହେଉଥିବୁ । ରମ୍‌ଜାନ୍ ମାସରେ ଜମାଅତ୍‌ର ବିରୋଧୀମାନଙ୍କର ଉପଦ୍ରବରୁ ସୁରକ୍ଷିତ ରହିବା ନିମନ୍ତେ ବିଶେଷ ରୂପେ ଦୁଆ କରନ୍ତୁ ।

ଖୁତ୍‌ବା ଜୁମା ଶେଷରେ ହୁଜୁର ଅନୱର୍ ଅ.ବ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରି କହିଲେ, ଜମାଅତ୍‌ର ବିରୋଧୀମାନଙ୍କର ଉପଦ୍ରବ ଠାରୁ ସୁରକ୍ଷିତ ରହିବା ନିମନ୍ତେ ଆପଣମାନେ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଉପଦ୍ରକାରୀର ହସ୍ତକୁ ନିଷ୍କ୍ରିୟ କରି ଦିଅନ୍ତୁ ଏବଂ ସେମାନଙ୍କୁ ଯଥାଶୀଘ୍ର ଦଣ୍ଡିତ କରନ୍ତୁ । ସଂସାରକୁ ଉପଦ୍ରବ ଓ ହିଂସାରୁ ସୁରକ୍ଷିତ ରହିବା ନିମନ୍ତେ ସାମୂହିକ ରୂପେ ଦୁଆ କରନ୍ତୁ ।

ସେହିପରି ହୁଜୁର ଅନ୍‌ୱର୍ ଅ.ବ ପୃଥିବୀର ସାମଗ୍ରିକ ପରିସ୍ଥିତି ଓ ପାଲେଷ୍ଟାଇନ୍‌ରେ ବାସ କରୁଥିବା ସାଧାରଣ ମୁସଲମାନ ନାଗରିକମାନଙ୍କ ପାଇଁ ମଧ୍ୟ ବିଶେଷ ରୂପେ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇ କହିଲେ, ଅଲ୍ଲାଃତାଲା ସେମାନଙ୍କୁ ଅତ୍ୟାଚାରୀମାନଙ୍କର ଅତ୍ୟାଚାରରୁ ରକ୍ଷା କରନ୍ତୁ । ମୁସଲମାନ ନେତାମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ । କାରଣ ସେମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ମୁକ୍ତ ହୋଇ ମୁସଲମାନମାନଙ୍କର ସାମୂହିକ ସ୍ୱାର୍ଥ ରକ୍ଷାକାରୀ ନେତା ରୂପେ ବିବେଚିତ କରନ୍ତୁ । ଅଲ୍ଲାଃତାଲା ରମ୍‌ଜାନ୍ ମାସକୁ ଆମମାନଙ୍କ ପାଇଁ କରୁଣା ଓ କଲ୍ୟାଣର ଦ୍ୱାର ପୂର୍ବାପେକ୍ଷା ଅଧିକ ଖୋଲି ଦିଅନ୍ତୁ । **ଆମିନ୍** ।

☆ ☆ ☆

## ଅଣମୁସଲମାନ ଏବଂ ଅଣଧର୍ମାବଲମ୍ବୀମାନଙ୍କ ସହିତ ସଦବ୍ୟବହାର ଓ ସହନଶୀଳତା ପ୍ରଦର୍ଶନ କରିବା ନିମନ୍ତେ ପବିତ୍ର କୁରାଆନ୍ କରୀମର ଶିକ୍ଷା (ସଂକ୍ଷିପ୍ତ ଆଲେଖ୍ୟ)

ଅଲ୍ଲାଃତାଲା ସ୍ୱଷ୍ଟ ଶବ୍ଦରେ ଓ ସ୍ୱଷ୍ଟ ଭାଷାରେ ବାକ୍ ସ୍ୱାଧୀନତା, ବିବେକ ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା, ସହିଷ୍ଣୁତା ଓ ସହନଶୀଳତା ସଂକ୍ରାନ୍ତରେ ଘୋଷଣା କରିଛି । ପୁନଶ୍ଚ ଏହି ଘୋଷଣା ମାଧ୍ୟମରେ ସଂସାର ଥିବା ପର୍ଯ୍ୟନ୍ତ ସହନଶୀଳତା, ସହିଷ୍ଣୁତା ଭାବ ସେହି ସର୍ବୋଚ୍ଚ ଦୃଷ୍ଟାନ୍ତ ଉପସ୍ଥାପିତ କରିଛି । ଏହାପରେ ସନ୍ଦେହର ଆଉ କୌଣସି ଅବକାଶ ରହିଲା ନାହିଁ । ଅଲ୍ଲାଥଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: لَکُمۡ دِیۡنُکُمۡ وَلِیَ دِیۡنِ (ଅଲ୍ କାଫିରୁନ୍:7) ଅର୍ଥାତ୍ ତୁମମାନଙ୍କ ଧର୍ମ ତୁମମାନଙ୍କ ସକାଶେ ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ ଏବଂ ଆମ୍ଭର ଧର୍ମ ଆମ୍ଭ ସକାଶେ ଅନ୍ୟ ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ । ସେହିପରି ଅଲ୍ଲାଃତାଲା କହିଲେ لَاۤ اِکۡرَاہَ فِی الدِّیۡنِ **(ଅଲ ବକରାହ୍: 257)** ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟ ବାଧକତା ନାହିଁ । କାରଣ ଧର୍ମ ହେଉଛି ତୁମ ହୃଦୟର ଆଭ୍ୟନ୍ତରୀଣ ପ୍ରସଙ୍ଗ । ତତ୍‌ସଂକ୍ରାନ୍ତରେ କୌଣସି ବାଧ୍ୟ ବାଧକତା ନାହିଁ ।

ହ. ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିଆନୀ ପ୍ରତିଶ୍ରୁତ ମସିହ୍ ଓ ମେହଦୀ ଅ.ସ କୁହନ୍ତି:  ଧାର୍ମିକ ପ୍ରସଙ୍ଗରେ ଓ ଧାର୍ମିକ କ୍ଷେତ୍ରରେ ମଧ୍ୟ ସ୍ୱାଧୀନତା ମିଳିବା ଉଚିତ୍ । ଅଲ୍ଲାଃତାଲା କୁହନ୍ତି: لَاۤ اِکۡرَاہَ فِی الدِّیۡنِ ଅର୍ଥାତ ଧର୍ମ ପ୍ରସଙ୍ଗରେ କୌଣସି ବାଧ୍ୟ ବାଧକତା ନାହିଁ । ଏହି ପ୍ରକାରର ପଦ ଇଞ୍ଜିଲ୍ ଧର୍ମ ଗ୍ରନ୍ଥରେ ଆଦୌ କେଉଁଠି ବି ଦେଖିବାକୁ ମିଳେ ନାହିଁ । ଯୁଦ୍ଧର ମୂଳ କାରଣ କ'ଣ ଥିଲା ? ଏହାକୁ ବୁଝିବାରେ ଲୋକମାନେ ଭ୍ରମର ଶିକାର ହୋଇଛନ୍ତି । ଯଦି ଯୁଦ୍ଧର ଆଦେଶ ଥାଆନ୍ତା ତେବେ ଆଁହଜରତ ସ.ଅଙ୍କର 13 ବର୍ଷ ଅପଚୟ ହୋଇ ନଥଆନ୍ତା । କାରଣ ଆପଣ ସ.ଅ ଆସିବା ମାତ୍ରେ ଖଡ଼୍‌ଗ ଉତ୍ତୋଳନ କଲେ ନାହିଁ । କେବଳ ଯୁଦ୍ଧ ଲଢୁଥିବା ବ୍ୟକ୍ତିମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଆଦେଶ ଦେଲେ । ଇସ୍‌ଲାମ୍ ଧର୍ମର ଏହି ନୀୟମ କେବେ ରହି ନାହିଁ ଯେ, ଆଗ ପ୍ରଥମେ ଯୁଦ୍ଧ ଆରମ୍ଭ କରିବ । ଯୁଦ୍ଧର କାରଣ କ'ଣ ଥିଲା ? ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ସ୍ୱୟଂ କୁହନ୍ତି: ظُلِمُوۡا ଅର୍ଥାତ ମୁସଲମାନମାନଙ୍କ ଉପରେ ପ୍ରଥମେ ଅନ୍ୟାୟ ଓ ଅତ୍ୟାଚାର କରାଗଲା । ସେମାନେ ପ୍ରଥମେ ନିର୍ଯାତିତ ଓ ନିଷ୍ପେଷିତ ହେଲେ। ସେତେବେଳେ ଯାଇ ଅଲ୍ଲାଃତାଲା ଅନୁମତି ପ୍ରଦାନ କଲେ ଯେ, ତୁମେ ମଧ୍ୟ ଆତ୍ମରକ୍ଷା ପାଇଁ ସେମାନଙ୍କ ସହିତ ଯୁଦ୍ଧ କର । କିନ୍ତୁ ଏହି ଆଦେଶ ଦେଲେ ନାହିଁ ଯେ, ତୁମେ ବର୍ତ୍ତମାନ ଜୋର ଜବରଦସ୍ତ ଖଡ଼୍‌ଗ ମାଧ୍ୟମରେ ଅନ୍ୟ (ଧର୍ମାବଲମ୍ବୀମାନଙ୍କୁ) ଲୋମକମାନଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରିଦିଅ । ବରଂ ଅଲ୍ଲାଃତାଲା ଏହା କହିଲେ ଯେ, ତୁମେମାନେ ନିଷ୍ପେଷିତ ଅଟ । ତେଣୁ ବର୍ତ୍ତମାନ ତୁମେ ଯୁଦ୍ଧ କର । ସୁତରାଂ ପବିତ୍ର କୁରଆନ୍ କରୀମ ପ୍ରତ୍ୟେକ ଆଇନର ଅନୁମତି ପ୍ରଦାନ କରେ । କାରଣ ବ୍ୟକ୍ତି ଆତ୍ମରକ୍ଷା ପାଇଁ ଯୁଦ୍ଧ କରିପାରିବ । **(ଅଲ୍ ବଦର୍, ଭାଗ-2, ସଂଖ୍ୟା-1, ତା-23-30 ଜାନୁଆରୀ ମାସ -1903 ମସିହା, ପୃ-3)**

ସୁତରାଂ ଆମେମାନେ ଇତିହାସକୁ ଯେତେବେଳେ ଅଧ୍ୟୟନ କରୁ ସେତେବେଳେ ଆମମାନଙ୍କୁ ଏହା ଜ୍ଞାତ ହୁଏ ଯେ, ଏହା ପବିତ୍ର କୁରଆନ୍ କରୀମ୍‌ର କେବଳ ଶାବ୍ଦିକ ଘୋଷଣା ନଥିଲା ଓ ଇସ୍‌ଲାମ୍ ଧର୍ମର କେବଳ ଏହି ଶିକ୍ଷା ନୁହେଁ । ବରଂ ଏହାକୁ ରାଷ୍ଟ୍ରମାନଙ୍କ ସକାଶେ ସାର୍ବକାଳୀନ ଆଇନ ରୂପେ ସାମିଲ୍ କରାଯାଇଛି ଏବଂ ଏହାକୁ ସାର୍ବକାଳୀନ ଆଇନ ଭାବରେ ଗ୍ରହଣ କରାଯାଇଛି । ସେ ପଛେ ଇସଲାମୀୟ ରାଷ୍ଟ୍ର ଅଧୀନ ଏବଂ ଇସାଲମୀୟ ରାଷ୍ଟ୍ରରେ ବାସ କରୁଥିବା ସଂଖ୍ୟା ଲଘୁ ସଂପ୍ରଦାୟ ଓ ସଂଖ୍ୟାଲଘୁ ଧର୍ମାବଲମ୍ବୀମାନେ ହୁଅନ୍ତୁ ନା କାହିଁକି, ପରାହତ ଅଣମୁସଲମାନ ସଂପ୍ରଦାୟ ହୁଅନ୍ତୁ ପଛେ । ସେହି ସମସ୍ତଙ୍କର ସମ୍ମାନ, ମର୍ଯ୍ୟାଦାର ପ୍ରତିଭୂ ଓ ସେମାନଙ୍କର ଧନ ଜୀବନର ସୁରକ୍ଷା  ଇସ୍‌ଲାମୀୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ ରୂପେ ବିବେଚନା କରାଯାଇଛି ।

ଇସ୍‌ଲାମୀୟ ରାଜ୍ୟର ସମସ୍ତ ବାସୀନ୍ଦା ସେ ଯେକୌଣସି ଧର୍ମର ହୁଅନ୍ତୁ ପଛେ, ନିରପେକ୍ଷ ଭାବରେ ଆସ୍ଥା, ବିଶ୍ୱାସ ଓ ନିଜର ଧାର୍ମିକ ମତବାଦ ପ୍ରସଙ୍ଗରେ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ଅଟନ୍ତି । ଧାର୍ମିକ ପ୍ରସଙ୍ଗରେ ସେମାନଙ୍କ ଉପରେ କୌଣସି ଚାପ ପ୍ରୟୋଗ କରାଯାଇ ପାରିବ ନାହିଁ କି ସେମାନଙ୍କୁ ବାଧ୍ୟ ମଧ୍ୟ କରାଯାଇ ପାରିବ ନାହିଁ । ପୁନଶ୍ଚ ଧାର୍ମିକ ପ୍ରସଙ୍ଗରେ ସମସ୍ତ ବାସୀନ୍ଦାଙ୍କୁ ନିରପେକ୍ଷ ଭାବରେ ସମାନ ସ୍ୱାଧୀନତା ଓ ସୁବିଧା ସୁଯୋଗ ଉପଲବ୍ଧ କରାଇବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଆଦେଶ ଦେଇଛି ।

☆ ☆ ☆

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan